ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଅଗଷ୍ଟ, ୨୦୨୩



**ପ୍ରବଳ ବର୍ଷାରେ ବାହାଲ ଜମି ବେହାଲ**

କର୍ଲାମୁଣ୍ଡା,(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଦୁଇଦିନ ଧରି ପ୍ରବଳ ବର୍ଷାରେ ନଈ ନାଳରେ ପାଣି ଭର୍ତ୍ତି ହୋଇଯାଇଛି। ଏଥିସହ ଚାଷୀଙ୍କ ବାହାଲ ଜମିଗୁଡିକ ମଧ ଜଳମଗ୍ନ ହୋଇପଡିଛି। ଫଳରେ ରୁଆ ଓ ବେଉଷଣ ଧାନ ପଲ୍ଲାଗୁଡିକ ନଷ୍ଟ ହେଇଯିବା ଆଶଙ୍କାରେ ଚାଷୀମାନେ ଅଛନ୍ତି। ବିଶେଷ କରି ବ୍ଲକର ଜୋର, ନାଳ, ନଦୀ ରହିଥିବା ଅଞ୍ଚଳର ଚାଷୀଙ୍କ ଜମିରେ ବାଲି ପୋତି ହେବା ସମ୍ଭାବନା ମଧ ରହିଥିବା ଚାଷୀ ଫଗୁନୁ ସାହୁ କହିଛନ୍ତି। ଅନ୍ୟପଟେ ବ୍ଲକରେ ଲଗାଣ ବର୍ଷା ଯୋଗୁ ମାଣ୍ଡିଆ ଚାଷୀମାନେ ଚାଷ କାର୍ଯ୍ୟକୁ ଆଗେଇ ପାରୁ ନ ଥିବା ଜଣାପଡିଛି।

## ସଂକ୍ଷେପରେ

### ଜଳସ୍ତର ବୃଦ୍ଧି ଯୋଗୁ ଡ୍ୟାମର ୨ଟି ଗେଟ ଖୋଲିଲା

**ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ**

ଖଡ଼ିଆଲ,୨।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲାରେ ଲଗାଣ ବର୍ଷା ଯୋଗୁ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପର ଜଳସ୍ତର ବୃଦ୍ଧି ପାଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମର ଜଳସ୍ତର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ଏବେ ଡ୍ୟାମରେ ୬୬୨.୮୫ ମିଟର ଜଳ ରହିଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ଡ୍ୟାମରୁ ଦୁଇଟି ଗେଟ ଖୋଲାଯାଇଛି। ପ୍ରତି ସେକେଣ୍ଡରେ ୩୦୦ କ୍ୟୁବିକ ମିଟର ଜଳ ଡ୍ୟାମକୁ ପ୍ରବେଶ କରୁଥିବା ବେଳେ ଦୁଇଟି ଗେଟ ଦେଇ ୨୫୦ କ୍ୟୁବିକ ମିଟର ଜଳ ନିଷ୍କାସନ ହେଉଛି । ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗେଟ ଖୋଲିବା ପୂର୍ବରୁ ଡ୍ୟାମ ତଳି ଅଞ୍ଚଳର ଗ୍ରାମବାସୀଙ୍କୁ ସତର୍କ ରହିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଇଥିବା ମୁଖ୍ୟଯନ୍ତ୍ରୀ ଯୁଗଳ କିଶୋର ଖଟୁଆ ସୂଚନା ଦେଇଛନ୍ତି।



### ଭାଙ୍ଗିଲା ଘର, ବେସାହାରା ପରିବାର

କୋକସରା,୨।୮
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଗତ ତିନିଦିନ ଧରି ଲଘୁଚାପଜନିତ ବର୍ଷାରେ ବରାଡଙ୍ଗା ପଞ୍ଚାୟତ ବରାଡଙ୍ଗା ଗ୍ରାମର ଜୟସେନ ମାଝିଙ୍କ ମାଟି ଘର ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଫଳରେ ପରିବାର ବେସାହାରା ହୋଇ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଜୟସେନ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କୁ ଏଯାଏଁ ଆସ ଯୋଜନାରେ ମଧ ଘର ମିଳିନାହିଁ। ଫଳରେ ମାଟି କୁଡିଆ ଘରେ ପରିବାର ରହୁଥିଲେ। ଘର ଭୁଶୁଡି ପଡିବା ପରେ ଚାଉଳ, ଆସବାବପତ୍ର ମଧ ନଷ୍ଟ ହୋଇଥିବା ଜଣାପଡିଛି। ଏ ନେଇ ଲଡୁଗାଁ ରାଜସ୍ୱ ନିରୀକ୍ଷିକାଙ୍କୁ ଅଭିଯୋଗ ପରେ ରାଜସ୍ୱ ନିରୀକ୍ଷକା ମମତା ସାଏ ଜଣେ କର୍ମଚାରୀଙ୍କୁ ପଠାଇ ଘଟଣାର ସ୍ଥିତି ସମ୍ପର୍କିତ ରିପୋର୍ଟ ଦେବାକୁ କହିବା ସହ ସରକାରୀ ଭାବେ ଯାହା କ୍ଷତିପୂରଣ ରହିଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏ ନେଇ ବରାଡଙ୍ଗା ସରପଞ୍ଚ ନିରୂପମା ସେଠିଙ୍କ ପ୍ରତିକ୍ରିୟା ନେବାରୁ ଆବାସ ଯୋଜନାରେ ତାଙ୍କ ଲିଷ୍ଟ ନାହିଁ, ଘର ପାଇଁ ଆବେଦନ କଲେ ପରବର୍ତ୍ତୀ ସମୟରେ ସାମିଲ କରାଯିବ ବୋଲି କହିଛନ୍ତି। ଜଣେ ବାସହୀନ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।





ନାଳରେ ବିପଦସଙ୍କୁଳ ଭାବେ ବାଇକ୍‌ରେ ଜଣେ ବ୍ୟକ୍ତି ପାର ହେଉଛନ୍ତି।



ଗୁରୁତର ଶିଶୁକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# କଳାହାଣ୍ଡି ଜିଲାରେ ବର୍ଷା ବିପ୍ୟାତ

ଭବାନୀପାଟଣା,୨।୮
(ଉତ୍ତମ କୁମାର ଦାଶ)

■ଜୟପାଟଣା ବ୍ଲକରେ ଭୁଶୁଡ଼ିଲା ଘର, ୪ ଶିଶୁ ଗୁରୁତର
■ପ୍ରଭାବିତ ୫୦ ପରିବାରକୁ ରନ୍ଧାଖାଦ୍ୟ ପ୍ରଦାନ
■ପ୍ରଭାବିତ ଲୋକଙ୍କୁ ଯୁବ କଂଗ୍ରେସର ସହାୟତା

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଯୋଗୁ କଳାହାଣ୍ଡି ଜିଲାରେ ଗତ ୩ ଦିନ ହେଲା ବର୍ଷା ଜାରି ରହିଛି। ଜୟପାଟଣା ବ୍ଲକ ବିମଳା ଗାଁର ଲକ୍ଷ୍ମଣ ନାଏକଙ୍କ ହଠାତ୍ ଘର ଭୁଶୁଡିଯିବାରୁ ୪ ଝିଅପୁଅ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଥିମଧ୍ୟରୁ ୧୦ ବର୍ଷର ପୁଅ ତୁଷାର ନାଏକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଲକ୍ଷ୍ମଣ ଘରେ ନ ଥିବାବେଳେ ଏହି ଅଘଟଣ ହୋଇଥିଲା। ଘର ଭିତରେ ଲକ୍ଷ୍ମଣଙ୍କ ସ୍ତ୍ରୀ ଓ ୫ଝିଅ ପୁଅ ରହିଥିଲେ। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସେହିପରି ବିଶେଷ କରି ଜିଲା ସଦରମହକୁମା ଭବାନୀପାଟଣା ସହରରେ ବର୍ଷା ବିପ୍ୟାତ ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷା ଯୋଗୁ ସହରର ଅନେକ ଲୋକଙ୍କ ଘର ଭାଙ୍ଗି ଯାଇଥିବାବେଳେ ଘରେ ପାଣି ପଶିଯିବା ସହ ପଡାକୁ ଯାଇଥିବା ରାସ୍ତା ସାରା ମଧ ପାଣି ମୟ ହୋଇଥିବା ଦେଖିବାକୁ ମିଳିଛି। ଭବାନୀପାଟଣା ସହରର ୧୯ ନଂ ୱାର୍ଡ ମଦନମୋହନ ପଡା, ୧୭ ନଂ ୱାର୍ଡ ଓ ୧୮ ନଂ ୱାର୍ଡ ହଲିଆପଡା, ଗୋଦାମ ପଡାବାସୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଠାକାର ଚାରିଆଡେ ପାଣି ହୋଇଥିବାବେଳେ ମାଟିଘରଗୁଡିକ ଭାଙ୍ଗିଯାଇଛି। ଲୋକଙ୍କ ଘରେ ପାଣି ପଶିଯିବାରୁ ତାଙ୍କ ଚୁଲି ମଧ ବନ୍ଦ ହୋଇଯାଇଛି। ଡ୍ରେନେଜ ବ୍ୟବସ୍ଥା ଫେଲ ଯୋଗୁ ଏପରି ଅସୁବିଧା ହୋଇଛି। ସ୍ଥାନୀୟ ପୌରପାଳିକ ପକ୍ଷରୁ ପ୍ରଭାବିତ ୫୦ ପରିବାରର ୧୮୦ ଲୋକଙ୍କୁ ମନ୍ଦାରବଗିଚା (ମଝିପଡା) ସ୍କୁଲରେ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଉଛି। ବୁଧବାର ପଡାର କ୍ଷତିଗ୍ରସ୍ତ ଲୋକଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି ଯୁବ କଂଗ୍ରେସ ଟିମ୍। ତୁରନ୍ତ ପ୍ରଭାବିତ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଜିଲା ପ୍ରଶାସନ ଓ ପୌରପାଳିକାଙ୍କୁ ସେମାନେ ଅନୁରୋଧ କରିଛନ୍ତି। ପରେ ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ମଧ ବଣ୍ଟନ କରିଥିଲେ। ଏହି ସମୟରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜ୍ୟ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ଜିଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀ, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଉପସଭାପତି ପରମାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୁନାଗଡ ହାତୀନଦୀରୁ ଆଟିଗାଁକୁ ଯାଉଥିବା ପିଡକୁଡି ରାସ୍ତାର ଚିଟୈଗୁଡା ନିକଟ ଥିବା ନାଳ ଉପରେ ୪ ଫୁଟ୍ ବର୍ଷା ପାଣି ପ୍ରବାହିତ ହେଉଛି। ଯାହାଦ୍ୱାରା ଏହି ରାସ୍ତାରେ ଯାତାୟାତ ବାଧାପ୍ରସ୍ତ ହୋଇଛି। ସ୍ଥାନୀୟ ଲୋକେ ବୁଲି ଚିଟୈଗୁଡା ଛକ ମୁଖ୍ୟ ଜାତୀୟ ରାଜପଥ ସଡକ ଦେଇ ଏବେ ଜୁନାଗଡ, ଭବାନୀପାଟଣାକୁ ଯାତାୟାତ କରୁଛନ୍ତି। ଅନ୍ୟପକ୍ଷରେ କିଛି ଲୋକ ନାଳ ଉପରେ ପାଣି ଚାଲୁଥିଲେ ମଧ ବିପଦସଙ୍କୁଳ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି।



ବର୍ଷାରେ କ୍ଷତିଗ୍ରସ୍ତ ପଡା ବୁଲୁଛନ୍ତି ଯୁବ କଂଗ୍ରେସ ଟିମ୍।

# କେରମେଲି-ପେଠିଆପାଲି ଯୋଗାଯୋଗ ବିଚ୍ଛିନ୍ନ

ନୂଆପଡ଼ା,୨।୮(ମକାରୁ ବେମାଲ)

**ବାଙ୍କଟି ନାଳ ଉପରେ ୪ ଫୁଟ ପାଣି**

ଲଘୁଚାପଜନିତ ଲଗାଣ ବର୍ଷାରେ ନୂଆପଡ଼ା ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ନଈନାଳ, ରାସ୍ତାଘାଟ, ଚାଷଜମି ସବୁ ଜଳମଗ୍ନ ହୋଇ ଅଧିକାଂଶ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଲଘୁଚାପ ଜନିତ ଲଗାଣ ପ୍ରବଳ ବର୍ଷା ଯୋଗୁ ଜିଲାପାଳ ହେମକାନ୍ତ ସାଏ ବୁଧବାର ଦିନକ ପାଇଁ ସବୁ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ଘୋଷଣା କରିଥିଲେ। ନୂଆପଡା ସଦର ବ୍ଲକ କେରମେଲି-ପେଠିଆପାଲି ମଝିରେ ଥିବା ବାଙ୍କଟି ନାଳ ଉପରେ ୪ ଫୁଟ ପାଣି ବୋହୁଛି। ଫଳରେ ଜିଲା ସଦର ମହକୁମାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ହୋଇଯାଇଛି। ଏହି ରାସ୍ତା ଜିଲା ସଦର ମହକୁମାଠାରୁ ସୁନାବେଡାକୁ ସଂଯୋଗ କରିଛି। ନୂଆପଡାଠାରୁ ସୁନାବେଡା କିମ୍ବା ସୁନାବେଡାଠାରୁ ନୂଆପଡାକୁ ଯାତାୟାତ କରୁଥିବା ଲୋକେ ମିଛାପାଲି, ବରକୋଟ, ଚେରେଚୂଆଁ ଦେଇ ବୁଲି ଯିବାକୁ ପଡୁଛି। ପେଠିଆପାଲି ଓ କାଙ୍କେରମଞ୍ଜି ଗାଁ ଜଳବନ୍ଦୀ ହୋଇ ରହିଛନ୍ତି। ଲଗାଣ ପ୍ରବଳ ବର୍ଷା ଯୋଗୁ ପାହାଡିଆ ରାସ୍ତା ପାଣି ନଦୀ ଭଳି ବୋହିଯାଉଥବାରୁ ଗୋଲାବନ୍ଧ, କେରମେଲି, ମାରାଗୁଡା ଆଦି ଗାଁକୁ ଯାତାୟାତରେ ଘୋର ଅସୁବିଧା ହେଉଛି। ସେହିପରି କୋମନା ବ୍ଲକ ଅନ୍ତର୍ଗତ ତରବୋଡ-ଠୋଗ୍ରୋମାଲ ସୁନ୍ଦର ନଦୀ କୂଳ ଖାଉଥିବାରୁ ଅଧିକାଂଶ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏହି ରାସ୍ତା ଦେଇ ଠୋଗ୍ରୋମାଲ, ଜାନିପଡା, କରଙ୍ଗାଭଟା, ଟାଣପଡା, ବାଗମୁଣ୍ଡା, ଝିପାବାହାଲ, ଦିଆମଣ୍ଡା ଆଦି ଗାଁର ଲୋକେ ତରବୋଡକୁ ଆସି ସପ୍ତାହିକ ହାଟ, ଡାକ୍ତରଖାନା, ବ୍ୟାଙ୍କ କିମ୍ବା ଅନ୍ୟ କାମ କରି ଯାଇଥାନ୍ତି। ସୁନ୍ଦର ନଦୀ କୂଳ ଖାଉଥିବାରୁ ଆଦି ଗାଁର ଲୋକମାନଙ୍କୁ ସିଆଲଲଟି, ହାତିସରା ଦେଇ ବୁଲି କରି ଆସିବାକୁ ପଡୁଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାରେ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିଲା। ଚଳିତବର୍ଷ ଜିଲାରେ ପ୍ରଥମ କରି ଭଲ ବର୍ଷା ହୋଇଛି। ଜିଲାର ୫ଟି ବ୍ଲକ ମଧ୍ୟରୁ କୋମନା ବ୍ଲକରେ ସର୍ବାଧିକ ୧୪୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସିନାପାଲି ବ୍ଲକରେ ୭୫.୪ ମି.ମି, ଖଡିଆଳ ବ୍ଲକରେ ୭୨ ମି.ମି, ବୋଡେନ ବ୍ଲକରେ ୬୯ ମି.ମି ଓ ନୂଆପଡା ବ୍ଲକରେ ସର୍ବନିମ୍ନ ୬୭.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।



ପେଠିଆପାଲି-କେରମେଲି ରାସ୍ତା

# କଲଭର୍ଟ ଧୋଇଗଲା, ଯାତାୟାତ ବାଧାପ୍ରାପ୍ତ

ଏମ୍.ରାମପୁର,୨।୮(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍. ରାମପୁରଠାରେ ମଙ୍ଗଳବାର ୧୯୫ ମିଲିମିଟର ବୃଷ୍ଟିପାତ ହେଇଛି। ଯାହା ଜିଲାରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ମ.ରାମପୁର ଅଞ୍ଚଳରେ ରାସ୍ତାଘାଟ, କଲଭର୍ଟ, ଚାଷଜମି, ବାସଗୃହ କ୍ଷତି ହୋଇଛି। ମ. ରାମପୁର ସହରସ୍ଥିତ ନୋଡ଼ାଲ ୟୁପି ସ୍କୁଲରେ ପାଣି ଜମି ରହିଛି। ସହରଠାରୁ ୩୦ କି.ମି. ଦୂର ମୋହନଗିରି ନିକଟସ୍ଥ ଟେକରଘାଟ କଳିଗଙ୍ଗା ପୋଲ ଆପ୍ରୋଚ୍ ରାସ୍ତା ଖାଇଯାଇଛି। ଏଥିଯୋଗୁ ପଣ୍ଡାପଦର୍, ସରାବେଡ଼ା, ସୀମାନ୍ତ ପଡୋଶୀ ବୌଦ୍ଧ, ସୁବର୍ଣ୍ଣପୁର, କନ୍ଧମାଳ ଆଦି ଜିଲାକୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ମୋହନଗିରିଆରପାଖରେଥିବା ଯୁକ୍ତ ୩ ମହାବିଦ୍ୟାଳୟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସହରଠାରୁ ୧୫ କି.ମି. ଦୂରବର୍ତ୍ତୀ ଉର୍ଲାଦାନିସ୍ଥିତ ନୁଆମୁଣ୍ଡା ନଦୀ ପୋଲ ପାର୍ଶ୍ୱ ନଷ୍ଟ ହେତୁ ଗମନାଗମନ ଠପ ହେଇପଡ଼ିଛି। ଜକବହାଲି ରାସ୍ତା, କୁସୁମପଡ଼ା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ବର୍ଷାରେ ଶତାଧିକ ଝଟିମାଟି ଘର ଆଂଶିକ ଭାଙ୍ଗି ଯାଇଛି। ପାଖାପାଖି ୧୨ଶହ ଏକର ଚାଷଜମିରେ ବାଲିଚର ହୋଇଥିବା ଜଣାପଡ଼ିଛି। ଛତିଗୁଦ ନାର୍ଲା, ରାମପୁର, ରିଷିଡା କର୍ଲାମୁଣ୍ଡା, ପାଜିବହାଲି ମୋହନଗିରି, ପଲମ ରୁପ୍ରା, ବଳିପଡ଼ା ରପ୍ରା, ତୁଳପଡ଼ା ବରବନ୍ଧା, ପଲମ ବେଲଖଣ୍ଡି, ଯୋରଦୋବ୍ରା କର୍ଲାମୁଣ୍ଡା, ଆଦି ରାସ୍ତାଗୁଡ଼ିକର ପାର୍ଶ୍ୱ ମାଟି ଦବିଯାଇଛି। ରାମପୁର ସହର ମହିଳା ସମିତି ସମ୍ମୁଖ, ପୁରୁଣା ବନବିଭାଗ ସମ୍ମୁଖ ସ୍ଥାନ ପିଚୁ ରାସ୍ତା ପାଣି ଜମି ଖାଲ ସୃଷ୍ଟି ହୋଇଛି। ବ୍ରାହ୍ମଣପଡା ପ୍ରହରାଜ ପରିବାର, ମହିଳା ସମିତି, ଗାୟତ୍ରୀ ମନ୍ଦିର, ପୁରୁଣା ବନାଞ୍ଚଳ କାର୍ଯ୍ୟାଳୟ, ପାଇକବହାଲ ବଜାର କୋଠା ଆଦି ସମ୍ମୁଖ ରାସ୍ତାରେ ବର୍ଷାଜଳ ଜମୁଛି। ଡ୍ରେନରେ ଜଳ ନିଷ୍କାସନ ହେଇପାରୁନାହିଁ। ବର୍ଷା କ୍ଷତିଆକଳନ କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାଘାଟ ମରାମତି, ଡ୍ରେନ ସଫେଇ, ଚାଷ ଜମି ମରାମତି ଅନୁଦାନ ପାଇଁ ଦାବି ହେଉଛି।



ଟେକରଘାଟ କାଳୀଗଙ୍ଗା ପୋଲରେ ବର୍ଷା ଜଳ ପ୍ରବାହିତ ହେଉଛି।

# ଦୋକାନ ଆଗରେ ଲହଡ଼ି ମାରୁଛି ବର୍ଷା ପାଣି

କୋକସରା,୨।୮
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଗ୍ରାମପଞ୍ଚାୟତଠାରେ ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ମୁକୁଳା ଡ୍ରେନରୁ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା କଡ଼ ଦୋକାନ ଆଗରେ ଲହଡି ମାରୁଛି। କୋକସରା ବ୍ଲକ ମୁଖ୍ୟାଳୟ ହୋଇଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟୟ ହୋଇ ପଡ଼ିବା କାରଣରୁ ମୁକୁଳା ଡ୍ରେନର ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ମୁଖ୍ୟ ରାସ୍ତାରେ ବୋହୁଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋକସରା ପଞ୍ଚାୟତ ପକ୍ଷରୁ ବର୍ଷା ଦିନ ପୂର୍ବରୁ ଡ୍ରେନଗୁଡିକ ସଫା ହେଉ ନ ଥିବା ବେଳେ ଅନେକ ସ୍ଥାନରେ ଡ୍ରେନ ପୋତି ହୋଇ ପଡିଛି। ଫଳରେ ବର୍ଷା ଦିନରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଡ୍ରେନର ଦୂଷିତ ପାଣି ବୋହୁଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଦୋକାନ, ହୋଟେଲ ରହିଥିବା ବେଳେ ବର୍ଜ୍ୟବସ୍ତୁ ଡ୍ରେନରେ ପକାଇବା ଫଳରେ ଡ୍ରେନ ପୋତି ହେଉଛି। ଗ୍ରାମ ପଞ୍ଚାୟତ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା କାରଣରୁ ଦୋକାନୀମାନେ ସଚେତନ ହେଉ ନାହାନ୍ତି। ଏ ନେଇ କୋକସରା ପିଇଓ ଭବିଷ୍ୟ ପଟେଲଙ୍କ ପ୍ରତିକ୍ରିୟା ନେବାରୁ ଦୋକାନୀମାନଙ୍କୁ ବାରମ୍ବାର ପଞ୍ଚାୟତ ପକ୍ଷରୁ କହିବା ସତ୍ତ୍ୱେ ମଧ ମଇଳା ଆବର୍ଜନା ଡ୍ରେନରେ ପକାଉଛନ୍ତି। ଫଳରେ ଏଭଳି ସମସ୍ୟା ଦେଖାଦେଇଛି। ବର୍ଷା କମିବା ପରେ ପୁଣି ଡ୍ରେନ ସଫା କରାଯିବ ବୋଲି କହିଛନ୍ତି।



ରାସ୍ତାରେ ଡ୍ରେନ ପାଣି ବୋହୁଛି।

# ଜଳମଗ୍ନ କୋଠରିରେ ବସି ପାଠ ପଢିଲେ ଛାତ୍ରୀଛାତ୍ର

ଖଡ଼ିଆଲ,୨।୮(ସୁଜିତ୍ କୁମାର ପ୍ରଧାନ)

**ବାଦୀ ପ୍ରାଥମିକ ସ୍କୁଲ**

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ବାଦୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ବର୍ଷା ପାଣି ଜମି ସନ୍ତ ସନ୍ତିଆ ରହିଥିବା ଗୃହ ଭିତରେ ବସି ଅଧ୍ୟୟନ କରୁଛନ୍ତି। ସରକାର ୫-ଟି ମାଧମରେ ସ୍କୁଲଗୁଡିକ ରୂପାନ୍ତରଣ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଖଡ଼ିଆଳ ବ୍ଲକ ସଦର ମହକୁମାଠାରୁ ମାତ୍ର ୩ କି.ମି. ଦୂର ବାଦୀ ପ୍ରାଥମିକ ବିଦ୍ୟାଳୟ ଅବସ୍ଥା କହିଲେ ନ ସାରେ। ପୁରୁଣା ବିଦ୍ୟାଳୟ ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ର ପଢୁଥିବା ବେଳେ ବର୍ଷାରେ ଛାତରୁ ବର୍ଷା ପାଣି କୋଠରି ଭିତରେ ଜମିଯିବା ଯୋଗୁ ଛାତ୍ରୀଛାତ୍ର ସନ୍ତସନ୍ତିଆ ଜାଗାରେ ବସି ପାଠ ପଢୁଛନ୍ତି। ଯାହା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହୁଛି। ରୋଷେଇ ଗୃହରେ ପାଣି ଥପ ଥପ ଝରୁଥିବା ବେଳେ ବର୍ଷାରେ ଭିଜି ରୋଷେଇୟା ରୋଷେଇ କରୁଛନ୍ତି। ସ୍କୁଲକୁ ଆସି ସ୍କୁଲ ଅବସ୍ଥା ଦେଖିବାକୁ କିମ୍ବା ସ୍କୁଲ କମିଟି ଗୁହାରି ଶୁଣିବାକୁ କୌଣସି ପ୍ରଶାସନ ଅଧିକାରୀଙ୍କ ପାଖରେ ସମୟ ନାହିଁ। ସ୍କୁଲ ଛାତର ସିମେଣ୍ଟ ଝଡି ରଡ଼ ଦେଖା ଯାଉଛି ଏବଂ ସ୍କୁଲ ଛାତରୁ ପାଣି ଗଳି ପାଣି କୋଠରି ଭିତରେ ଜମିଯାଉଛି। ଏହି ଅବସ୍ଥାରେ ଛାତ୍ରୀଛାତ୍ର ସ୍କୁଲ ଗୃହରେ ବସି ପାଠପଢୁଛନ୍ତି। ଅଭିଭାବକ ଏବଂ ସ୍କୁଲ କମିଟି କର୍ମକର୍ତ୍ତାମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କାହାର ନଜର ଏ ପର୍ଯ୍ୟନ୍ତ ସ୍କୁଲ ଉପରେ ପଡ଼ିନାହିଁ। ଗ୍ରାମବାସୀଙ୍କ ପ୍ରଶାସନକୁ ଅନୁରୋଧ ଯେ ଯଥାଶୀଘ୍ର ଏହି ସ୍କୁଲ ଗୃହର ମରାମତି କରାଯାଉ ନଚେତ ଆଗାମୀ ଦିନରେ ଗ୍ରାମବାସୀ ଓ ସ୍କୁଲ କମିଟି ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି।



ବାଦୀ ପ୍ରାଥମିକ ବିଦ୍ୟାଳୟ କୋଠରିରେ ବର୍ଷା ପାଣି ଜମି ରହିଛି।

# ଲଗାଣ ବର୍ଷାରେ ବିଦ୍ୟାଳୟର ଅବସ୍ଥା ବେହାଲ

ସିନାପାଲି,୨।୮(ମନଫୁଲ ମେହେର)

**ଖାରବନ୍ଧ ଉଚ୍ଚ ବିଦ୍ୟାଳୟ**

■୫-ଟି ବିଦ୍ୟାଳୟ ରୂପାନ୍ତରୀଣ କାର୍ଯ୍ୟରେ ଅବ୍ୟବସ୍ଥା
■ଛାତରୁ ଗଳୁଛି ପାଣି

ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପ୍ରଶାସନର ଅବହେଳା ଯୋଗୁ ପ୍ରହସନରେ ପରିଣତ ହୋଇଛି। ଗତ ମେ ପ୍ରଥମ ସପ୍ତାହରେ ଜିଲାରେ ତୃତୀୟ ପର୍ଯ୍ୟାୟ ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦାରା ଉଦଘାଟିତ ହୋଇଥିଲା। ଏହି ବ୍ଲକ ଅନ୍ତର୍ଗତ ଖାରବନ୍ଧସ୍ଥିତ ଦେବିଚରଣ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ହେଲେ ବର୍ତ୍ତମାନର ଲଘୁଚାପଜନିତ ଲଗାଣ ବର୍ଷାରେ ବିଦ୍ୟାଳୟ ଅବସ୍ଥା ବେହାଲ ହୋଇପଡିଛି। ସ୍ମାର୍ଟ ରୁମ କୋଠରି ଛାତରୁ ଗଳୁଛି ପାଣି। ବସିବା ତ ଦୂରର କଥା ପିଲାମାନେ ଠିଆ ହୋଇପାରୁନାହାନ୍ତି। କୃତ୍ରିମ ପୋଖରୀ ପାଲଟି ଯାଇଛି ସ୍ମାର୍ଟ ରୁମ। ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାରୁ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହେଉଛି। ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନାକୁ ଲୋକେ ପ୍ରସଂଶା କରାଯାଉଥିବା ବେଳେ ବିଭାଗୀୟ ଅଧିକାରୀ, ଯନ୍ତ୍ରୀମାନଙ୍କ ବେପରୁଆ କାର୍ଯ୍ୟ ଯୋଗୁ ରୂପାନ୍ତରୀ କରଣ ପ୍ରହସନ ବୋଲି ଚର୍ଚ୍ଚା ହେଉଛି। ବିଦ୍ୟାଳୟ ରୂପାନ୍ତରୀକରଣର ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ସହଜେ ଅନୁମେୟ ହେଉଛି। ଦୁଇଟି କୋଠରିର ଛାତକୁ ଠିକ ଭାବେ ସଂଯୋଗ କରାଯାଇ ନ ଥିବାରୁ ସେହି ସ୍ଥାନରେ ପ୍ରବଳ ବର୍ଷା ଜଳ ତଳକୁ ଗଳିପଡୁଥିବା ଦେଖିବାକୁ ମିଳିଛି। ସେହିପରି ଦଶମ ଶ୍ରେଣୀର ସ୍ମାର୍ଟ କ୍ଲାସ ରୁମର ବାରଣ୍ଡା ଉଚ୍ଚ ହୋଇଥିବା ବେଳେ କୋଠରି ଭିତରୁ ବର୍ଷାପାଣି ପଶି ଭର୍ତ୍ତି ହୋଇଯାଉଛି। ସେହିଭଳି ନବମ ଶ୍ରେଣୀର ସ୍ମାର୍ଟ କ୍ଲାସରୁମ ଛାତ ଉପରେ ରେନକୋଟ ଦିଆଯାଇ ନାହିଁ। ଫଳରେ ଛାତ ଉପର ପାଣି ଭେଣ୍ଟିଲେଟର ପଟୁ ଭିତରକୁ ପ୍ରବେଶ କରୁଛି। ଫଳରେ ଛାତ୍ରୀଛାତ୍ର ବସି ଅଧ୍ୟୟନ କରିବା ସମ୍ଭବ ହେଉନାହିଁ। ପ୍ରକାଶ ଯେ, ୧୯୯୩ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀରେ ୧୨୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏ ନେଇ ଯନ୍ତ୍ରୀ ମୀନାକ୍ଷୀ ମିଶ୍ରଙ୍କୁ ପଚାରିବାରୁ କଥାକୁ ହାଲୁକାରେ ନେଇ ଜଏଣ୍ଟସ୍ଥାନରେ ପାଣି ଗଳୁଛି, ମରାମତି କରାଯିବ ବୋଲି କହିଛନ୍ତି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।



ସ୍ମାର୍ଟ ରୁମ କୋଠରି କୃତ୍ରିମ ପୋଖରୀ ପାଲଟି ଯାଇଛି।




ଖାରବନ୍ଧସ୍ଥିତ ଦେବିଚରଣ ଉଚ୍ଚ ବିଦ୍ୟାଳୟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଅଗଷ୍ଟ, ୨୦୨୩

**ଶଗଡା ମନମୁଣ୍ଡା ଯୋଗାଯୋଗ ବିଚ୍ଛିନ୍ନ**

ବୌଦ୍ଧ,(ଅଜିତ କୁମାର ବାରିକ): ଲଗାଣ ବର୍ଷାରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ସ୍ଥିତି ଅଣାୟତ ହୋଇପଡିଛି। ବ୍ଲକର ୪୧ ନମ୍ବର ରାଜ୍ୟ ରାଜପଥର ଘଣ୍ଟାପଡା ପଞ୍ଚାୟତ କେନ୍ଦୁପତ୍ର ବିଭାଗ କାର୍ଯ୍ୟାଳୟ ଛକରୁ ରେକଡୋଲ ଯାଉଥିବା ରାସ୍ତାର ସମଲେଶ୍ୱରୀ ନାଳ ଉପରେ ୪ ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ ଘଣ୍ଟାପଡା କୁଲୁତାଯୋର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। କୁରୁମୁଣ୍ଡା ନାଳ ଉପରେ ୫ ଫୁଟର ପାଣି ପ୍ରବାହିତ ଯୋଗୁ ମନମୁଣ୍ଡା ଶଗଡା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଜାମୁନାଳି ଉପରେ ପାଣି ପ୍ରବାହିତ ହେବାରୁ ତେଲନଦୀ ପୋଲଠାରୁ ଖଟଖଟିଆ ଯୋଗାଯୋଗ ବ୍ୟାହତ ହୋଇଛି।



# ଲଗାଣ ବର୍ଷା: ବନ୍ୟା ପରିସ୍ଥିତି ସୃଷ୍ଟି

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବହୁ ଗାଁ ଜଳବନ୍ଦୀ ହୋଇଥିବା ବେଳେ ସ୍କୁଲ ପାଣି ଘେରରେ ରହିଛି। ଚାଷ ଜମି ଜଳାର୍ଣ୍ଣବ ହୋଇପଡିବା ସହ ଧାନ ତଳି ନଷ୍ଟ ହୋଇଛି। କେତେକ ସ୍ଥାନରେ ପୋଲ ଉପରେ ପାଣି ପ୍ରବାହିତ ହେବାରୁ ଯୋଗାଯୋଗ ବ୍ୟାହତ ହୋଇଛି। ପୀଡ଼ିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ରିଲିଫ୍ କ୍ୟାମ୍ପରେ ରଖାଯାଇ ଖାଦ୍ୟ ବଣ୍ଟନ କରାଯିବାର ଖବର ମିଳିଛି।



ବନ୍ୟା ପାଣି ଘେରରେ ବୀରମହାରାଜପୁର ବ୍ଲକର ଗୋବିନ୍ଦପୁର ଗ୍ରାମ।

## ସଂକ୍ଷେପରେ

## ହରଭଙ୍ଗା ବ୍ଲକରେ ବହୁ ଗାଁ ଜଳବନ୍ଦୀ

- ଦୁଇଦିନ ଧରି ଲଘୁଚାପ ଜନିତ ବର୍ଷା ଜାରି,
- ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ
- ହଜାର ହଜାର ଏକର ଚାଷ ଜମି ପ୍ରଭାବିତ

ପୁରୁଣାକଟକ,୨।୮(ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଞ୍ଚଳରେ ଦୁଇ ଦିନ ଧରି ଲଘୁଚାପଜନିତ ବର୍ଷା ଜାରି ରହିଛି। ଫଳରେ ବହୁ ଗାଁ ଜଳବନ୍ଦୀ ଥିବା ବେଳେ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି । ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ବନ୍ୟା ଜଳ ପ୍ରବେଶ କରୁଛି। ତେଣୁ ହୀରାକୁଦରୁ ଜଳ ନିଷ୍କାସନ ଦ୍ୱାରା ମହାନଦୀରେ ବନ୍ୟା ଜଳ ଆସି ହରଭଙ୍ଗା ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୌଦ୍ଧଠାରେ ମହାନଦୀରେ ଜଳସ୍ତର ୮୭.୮୦ ବିପଦ ସଙ୍କେତ ରହିଥିବା ବେଳେ ବୁଧବାର ୮୬.୭୦ ଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମହାନଦୀ ଓ ଶାଖା ନଦୀଗୁଡିକ ଫୁଲିବାରେ ଲାଗିଛି। ହରଭଙ୍ଗା ଅଞ୍ଚଳରେ ମହାନଦୀ ଦୁଇ କୂଳ ଖାଇ ପ୍ରବାହିତ ହେଉଛି। ଜିଲାରେ ପ୍ରବାହିତ ତେଲ ନଦୀ, ଖଡଙ୍ଗ ନଦୀ, ବାଘ ନଦୀରେ ବନ୍ୟା ଜଳ ଆସି ହରଭଙ୍ଗା ବ୍ଲକର ନଦୀ ଖଣ୍ଡି ଓ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଫଳରେ ହରଭଙ୍ଗା, ଧଳପୁର, ରାମଗଡ, କରଡ଼ି, ହାଟଗାଁ, କୃଷ୍ଣମୋହନପୁର, ପ୍ରଗଳପୁର ଝରସାଇ, କୁମାରୀ, ଅତଲସର, ମାରଡ଼ା ସମେତ ପ୍ରାୟ ୩୧ଟି ଗାଁର ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

## ମାଟି ଧସି ଦୁଇଟି ଘାଇ

ପୁରୁଣାକଟକ,୨।୮(ସୁକାନ୍ତ ପଟ୍ଟନାୟକ)

ହରଭଙ୍ଗା ବ୍ଲକରେ ମହାନଦୀ କୂଳରେ ମାଟି ଧସି ଦୁଇଟି ଘାଇ ସୃଷ୍ଟି ହୋଇଛି । ଲଗାଣ ବର୍ଷାରେ ହଜାର ହଜାର ଏକର ଚାଷ ଜମି ଜଳାର୍ଣ୍ଣବ ହୋଇପଡିଛି। ସେହିପରି ଫୁଲବାଣୀ ଟିକରପଡା ପୂର୍ତ୍ତ ବିଭାଗର ଉଦଣ୍ଡି ନାଳ ଉପରେ ୮ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେବାରୁ ମାରଡା ଗ୍ରାମ ଜଳବନ୍ଦୀ ହୋଇପଡିଛି। କରଡି ଓ ପାଣିଘରା ଗାଁ ମଧ୍ୟ ଜଳବନ୍ଦୀ ହୋଇପଡିଛି। ଲଗାଣ ବର୍ଷା ଯୋଗୁ ଲାଂଡିବନ୍ଧଠାରେ ଥିବା ଗ୍ରୀଡ଼ ପାଣି ଘେରରେ ଥିବା ଯୋଗୁ ଦୁଇ ଦିନ ହେବ ବିଦ୍ୟୁତ ସେବାରୁ ହରଭଙ୍ଗା ବ୍ଲକବାସୀ ବଞ୍ଚିତ ଅଛନ୍ତି। ବ୍ଲକରେ ପାନୀୟ ଜଳ ଯୋଗାଣ ଦୁଇଦିନ ହେବ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଦିନ ମଜୁରିଆମାନେ ମଧ୍ୟ କୌଣସି କାମଧନ୍ଦା ନ କରି ଘରେ ବସି ରହିଛନ୍ତି। ଚାରିଛକ ସବ୍ଷ୍ଟେସନ ଭିତରେ ପାଣି, ବୌଦ୍ଧ ହରଭଙ୍ଗା ଜଗନ୍ନାଥ ସଡ଼କରେ ବନ୍ୟା ଜଳ ପ୍ରବାହିତ ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ପ୍ରଶାସନ ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ରିଲିଫ ଯୋଗାଇ ଦେବା କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବନ୍ୟାପାଣି ଘେରରେ ବଡ଼ଯୋର ଗ୍ରାମ



ତରଭା,୨।୮(ମାନଭଞ୍ଜନ ମିଶ୍ର)

ଲଗାଣ ବର୍ଷା ଯୋଗୁ ତରଭା ବ୍ଲକ କମସରା ପଞ୍ଚାୟତ ଅଧୀନ ବଡଯୋର ଗ୍ରାମର ନାଳରେ ଅଧିକ ପାଣି ପ୍ରବାହିତ ହେଉଛି। ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପ୍ରାୟ ୨୧ ପରିବାରର ୮୮ଜଣ ପ୍ରଭାବିତ ହୋଇଛନ୍ତି। ଖବରପାଇ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ, ଏବିଡିଓ ନିରଞ୍ଜନ ନାଏକ, ଜିପିଓ ବିଜୟ ସାହୁ, କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ପ୍ରମୁଖ ବଡ଼ଯୋର ଯାଇ ପରିସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସୁବିଧାରେ କେମିତି ରଖାଯାଇପାରିବ ଓ ଆବଶ୍ୟକ ସ୍ଥଳେ ରିଲିଫ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ସେହିପରି ଉକ୍ତ ପଞ୍ଚାୟତର କାୟାପଦର ଗ୍ରାମର ନିବୃତ୍ତି ଜୋରରେ ବନ୍ୟା ପାଣି ଆସିବା ଆଶଙ୍କା କରି ୫ ପରିବାରର ୧୮ଜଣଙ୍କୁ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରରେ ରଖାଯାଇ ପ୍ରଶାସନ ତରଫରୁ ଖାଦ୍ୟ ଦେବାର ବ୍ୟବସ୍ଥା କରାଯାଇଛି ।

## ୩ ସ୍କୁଲ ଭିତରେ ପଶିଲା ବନ୍ୟାଜଳ

ଅମରପାଲି,୨।୮(ପୀତାମ୍ବର ସାହୁ)

ଗତ ୪ ଦିନ ହେଲା ବୀରମହାରାଜପୁର ଅଞ୍ଚଳରେ ବର୍ଷା ଲାଗି ରହିଛି। ଏଭଳି ପରିସ୍ଥିତିରେ ବୁଧବାର ଠେଙ୍ଗୋ ଡ୍ୟାମରୁ ୬ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଫଳରେ ତଳମୁଣ୍ଡରେ ଅନେକ ଗାଁକୁ ବନ୍ୟାଜଳ ପ୍ରବେଶ କରିଛି। ବ୍ଲକର କେନଝିରିଆପାଲି ପଞ୍ଚାୟତର ବାରଝୁଲା ପ୍ରାଥମିକ ବିଦ୍ୟାଳୟ ଓ କୁଡାପଡା ପ୍ରାଥମିକ ବିଦ୍ୟାଳୟରେ ବନ୍ୟାଜଳ ପ୍ରବେଶ କରିଛି। ବନ୍ୟା ଜଳ ଘେରରେ ଉକ୍ତ ଦୁଇ ସ୍କୁଲ ରହିଛି। କୁଡାପଡା ସ୍କୁଲ ୪ ଫୁଟର ବନ୍ୟାଜଳ ଘେରରେ ଥିବା ବେଳେ ବାରଝୁଲା ସ୍କୁଲ ୩ ଫୁଟ ଉଚ୍ଚର ବନ୍ୟାପାଣି ଘେରରେ ରହିଛି। ସେହିପରି ଗୋବିନ୍ଦପୁର ୟୁପି ସ୍କୁଲରେ ମଧ୍ୟ ବନ୍ୟା ପାଣି ପଶିଛି।




ବନ୍ୟାପାଣି ଘେରରେ ବାରଝୁଲା ସ୍କୁଲ।

## ବୀରମହାରାଜପୁରରେ ୨୭୦ ମି.ମି ବର୍ଷା ରେକର୍ଡ

ସୁବର୍ଣ୍ଣପୁର ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବୀରମହରାଜପୁରରେ ସର୍ବାଧିକ ୨୭୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ତରଭା ବ୍ଲକରେ ଜିଲାର ସର୍ବନିମ୍ନ ୧୫୬ ମିମି ବର୍ଷା ରେକର୍ଡ ହୋଇଛି। ବିନିକା ବ୍ଲକରେ ୨୨୭.୨ମିମି, ସୋନପୁର ବ୍ଲକରେ ୧୯୩ ମିମି, ଉଲୁଣ୍ଡା ବ୍ଲକରେ ୨୬୨ ମିମି ଏବଂ ଡୁଙ୍ଗୁରିପାଲି ବ୍ଲକରେ ୨୧୦ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ବର୍ଷାର ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଦେଖାଦେଇଛି।

## ଲଗାଣ ବର୍ଷାରେ ସୁବର୍ଣ୍ଣପୁର ବେହାଲ୍

ସୋନପୁର,୨।୮(ମୃତ୍ୟୁଞ୍ଜୟ ଶତପଥୀ)

- ୨୨୦ ମିଲିମିଟର ବର୍ଷା
- ତଳିଆ ଅଞ୍ଚଳରେ ପଶିଲା ପାଣି
- ଦିନିକିଆ ସ୍କୁଲ ଛୁଟି ଘୋଷଣା କଲେ ଜିଲାପାଳ

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣପୁର ସହର ସମେତ ସମଗ୍ର ଜିଲାରେ ପରିସ୍ଥିତି ବେହାଲ୍ ହୋଇପଡିଛି। ଲୋକେ ଘରୁ ବାହାରକୁ ଯାଇ ପାରୁନାହାନ୍ତି। ତଳିଆ ଅଞ୍ଚଳରେ ପାଣି ଜମି ରହିଛି। ସହରର ବିଭିନ୍ନ ୱାର୍ଡରେ ଲୋକଙ୍କ ଘରେ ପାଣି ପଶିଛି। ପ୍ରାକୃତିକ ନାଳଗୁଡିକ ଜବରଦଖଲ କାରଣରୁ ବର୍ଷା ଜଳ ନିଷ୍କାସନ ଠିକ୍ ଭାବରେ ହୋଇପାରୁନି। ମ୍ୟୁନିସିପାଲିଟି ପକ୍ଷରୁ ଡ୍ରେନ୍‌ଗୁଡିକ ଠିକ୍ ଭାବେ ସଫେଇ ହୋଇ ନ ଥିବା କାରଣରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ଗତ ଶୁକ୍ରବାର, ଶନିବାର, ରବିବାର, ମଙ୍ଗଳବାର ଓ ବୁଧବାର ରେକର୍ଡ ପରିମାଣର ବର୍ଷା ହୋଇଥିବା ଜଣାପଡିଛି। ଗତ ୨୪ ଘଣ୍ଟା ମଧ୍ୟରେ ତମାମ ଜିଲାରେ ହାରାହାରି ୨୨୦.୧ ମିଲିମିଟର ବର୍ଷା ହୋଇଛି। ଖବର ଲେଖା ହେବା ବେଳକୁ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ସର୍ବାଧିକ ୨୭୨.୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି । ଲଗାଣ ବର୍ଷା ପାଇଁ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ବୁଧବାର ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ଘୋଷଣା କରିଥିଲେ। ତେବେ ସ୍କୁଲଗୁଡିକୁ ଏ ସମ୍ପର୍କିତ ନିର୍ଦ୍ଦେଶ ବିଳମ୍ବରେ ମିଳିଥିଲା। ସକାଳେ ଖୋଲା ଯାଉଥିବା କେତେକ ସ୍କୁଲର ଛାତ୍ରୀଛାତ୍ର ସ୍କୁଲକୁ ଯାଇ ପୁଣି ପୂର୍ବାହ୍ନରେ ଫେରିଥିଲେ। ବୀରମହାରାଜପୁର ବ୍ଲକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ବନ୍ୟାଜଳ ପ୍ରଭାବିତ ହେଉଛି। ମହାନଦୀ, ତେଲନଦୀ ସମେତ ଜିଲାର ପ୍ରମୁଖ ନଦୀ ଓ ନାଳଗୁଡିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ହୀରାକୁଦ୍ ଡ୍ୟାମ୍‌ର ଅଧିକ ସଂଖ୍ୟକ ଫାଟକରୁ ବନ୍ୟା ଜଳ ଛଡା ହେଲେ ନଦୀକୂଳିଆ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବ। ବୁଧବାର ବିନିକା ସହର ୧୦ ନମ୍ବର ୱାର୍ଡରେ ବନ୍ୟା ପାଣି ପ୍ରବେଶ କରିଛି। ସେହିପରି ସୁବର୍ଣ୍ଣପୁର ସହର ଆମ୍ବେଦକର ଛକରେ କଲଭର୍ଟ ଓ ଡ୍ରେନ୍ ଜବରଦଖଲ କାରଣ ରୁ ମୁଖ୍ୟରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଛି। ୧ ନମ୍ବର ୱାର୍ଡର ପ୍ରେସ କଲୋନି, ୨ ନମ୍ବର ୱାର୍ଡର ଗୋକର୍ଣ୍ଣେଶ୍ୱର ପଡା, ମହାବୀର କଲୋନୀ , ରାମଜୀ ନଗର, ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ ଓ ଗ୍ରୀଡକୋ ଅଫିସ ସମ୍ମୁଖରେ ବର୍ଷା ଜଳ ରାସ୍ତାରେ ଜମି ରହିଛି। ବ୍ଲକ ଅଫିସ ଫାଟକ ସମ୍ମୁଖରେ ପାଣି ଜମି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସରକାରୀ କ୍ୱାର୍ଟର୍ସରେ ଡ୍ରେନ୍ ପାଣି ପ୍ରବେଶ କରିଛି । ଡ୍ରେନେଜ୍ ସିଷ୍ଟମ ଠିକ୍ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଠେଙ୍ଗୋ ଡ୍ୟାମ୍‌ରୁ ୬ ଗେଟ ଦେଇ ବନ୍ୟାଜଳ ନିଷ୍କାସନ

ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ନଦୀନାଳ ଓ ଅନ୍ୟାନ୍ୟ ଜଳାଶୟ ଫୁଲି ଉଠିଛି। ଏପଟେ ଉପର ମୁଣ୍ଡରେ ବର୍ଷା ଯୋଗୁ ବୀରମହାରାଜପୁର ବ୍ଲକର ହରିହରଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ(ଠେଙ୍ଗୋ ଡ୍ୟାମ)ରେ ଅଧିକ ବନ୍ୟାଜଳ ପ୍ରବେଶ କରୁଛି।ଏହାକୁ ଦୃଷ୍ଟିରେ ରଖି ବୁଧବାର ସକାଳେ ଡ୍ୟାମର ୬ ଟି ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଉକ୍ତ ଡ୍ୟାମରୁ ବନ୍ୟାଜଳ ନିଷ୍କାସନ ହେଉଥିବାରୁ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଦେଖାଦେଇଛି।



ଠେଙ୍ଗୋ ଡ୍ୟାମରୁ ୬ ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

## ୭ ରିଲିଫ୍ କ୍ୟାମ୍ପରେ ୨୮୮ଜଣଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକରେ ଦେଖାଦେଇଛି ବନ୍ୟା ପରିସ୍ଥିତି। ବହୁ ଗ୍ରାମରେ ବନ୍ୟାଜଳ ପଶିଛି। ପ୍ରଶାସନ ବନ୍ୟା ପୀଡ଼ିତ ଲୋକଙ୍କୁ ରିଲିଫ କ୍ୟାମ୍ପକୁ ଆଣିବାର ବ୍ୟବସ୍ଥା କରିଛି। ବ୍ଲକର କୃଷ୍ଣପାଲି, ତେନ୍ତୁଳିମହଦା, କୁଡ଼ାପଡା, ରମ୍ଭୀପାଲି, ଗରିଆମୁଣ୍ଡା, ଡୁଲେଶ୍ୱର ଓ ପିତମହୁଲର ଏକ ସାହିରେ ପ୍ରଶାସନ ତରଫରୁ ରିଲିଫ କ୍ୟାମ୍ପ୍ କରାଯାଇ ରନ୍ଧାଖାଦ୍ୟ ଦିଆଯାଉଥିବା ବିଡ଼ିଓ ମୋତିଲାଲ ସୁଲିଆ ପ୍ରକାଶ କରିଛନ୍ତି । ୭ ରିଲିଫ କ୍ୟାମ୍ପ୍‌ରେ ସମୁଦାୟ ୨୮୮ଜଣଙ୍କୁ ରଖାଯାଇ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି।

## ବନ୍ୟାପାଣି ଘେରରେ ୧୧ ଗ୍ରାମ

ଲଗାଣ ବର୍ଷା ପ୍ରଭାବରେ ବୀରମହାରାଜପୁର ଅଞ୍ଚଳର ୧୧ଟି ଗ୍ରାମ ବନ୍ୟାପାଣି ଘେରରେ ରହିଛି। ବୀରମହାରାଜପୁର ବ୍ଲକର କୁଡାପଡା, ତେନ୍ତୁଳିମହଦା, ଦୁହୁଲପାଲି, ଗୋବିନ୍ଦପୁର, ବାରଝୁଲା, ଜମ୍ପାଲିପାଲି, କୃଷ୍ଣପାଲି, ଦୁଲେଶ୍ୱର, ମସିଣାପାଲି, ବରଘାଟ ଦାଦର, ବ୍ରାହ୍ମଣିପାଲି ଗାଁ ଭିତରକୁ ବନ୍ୟାଜଳ ପ୍ରବେଶ କରିଛି। ଅନେକ ଲୋକ ନିଜ ନିଜ ଘରୁ ଜରୁରୀ ସାମଗ୍ରୀ ଧରି ଉଚ୍ଚା ସ୍ଥାନକୁ ଚାଲି ଆସିଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ସହ ଠେଙ୍ଗୋଡ୍ୟାମରୁ ବନ୍ୟାଜଳ ନିଷ୍କାସନ ହେବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।




ସୋନପୁର ଆମ୍ବେଦ୍କର ଛକ ନିକଟରେ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଛି।

## ୫୭ ନଂ ଜାତୀୟ ରାଜପଥ ଉପରେ ଲୋକେ ଧରିଲେ ମାଛ

ବୌଦ୍ଧ,୨।୮(ଅଜିତ୍ କୁମାର ବାରିକ)

ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲା ପରିସ୍ଥିତି ବେହାଲ୍ ହୋଇପଡିଛି। ମହାନଦୀ, ତେଲ, ସାଲୁଙ୍କୀ ଓ ବାଘ ନଦୀ ସମେତ ବିଭିନ୍ନ ଜଳାଶୟ ଫୁଲିବାରେ ଲାଗିଛି। ପରିସ୍ଥିତି ଏପରି ହୋଇଛି ଯେ, ବୁଧବାର ବୌଦ୍ଧ ସହର ଦେଇ ଯାଇଥିବା ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଉପରେ ବହୁ ଲୋକ ମାଛ ଧରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

ପ୍ରକାଶ ଯେ, ୫୭ ନଂ ଜାତୀୟ ରାଜପଥ କଡରେ ରହିଛି ଜିଲାର ମତ୍ସ୍ୟ କାର୍ଯ୍ୟାଳୟ। ଲଗାଣ ବର୍ଷାରେ ମତ୍ସ୍ୟ ବିଭାଗ ପରିସରରେ ଥିବା ପ୍ରାୟ ଛୋଟ ବଡ଼ ୧୫ଟି ପୋଖରୀ ଫୁଲି ଉଠିଛି। ବିଭାଗ ପକ୍ଷରୁ ଜାଆଁଳ ପ୍ରସ୍ତୁତ କରିବାକୁ ଏହି ପୋଖରୀଗୁଡିକରେ ମାଛ ଛଡା ଯାଇଥିଲା। କିନ୍ତୁ ପାଣି ଉଚ୍ଛୁଳିବାରୁ ପୋଖରୀରୁ ମାଛ ବାହାରି ରାଜପଥ ଉପର ଦେଇ ପାଖରେ ଥିବା ମହାନଦୀକୁ ଯିବାର ଦେଖିବାକୁ ମିଳିଥିଲା। ଏହାଦେଖି ସ୍ଥାନୀୟ ଲୋକେ ଜାଲ, ଉଞ୍ଚା, ବାଡ଼ି ସାହାଯ୍ୟରେ ମାଛ ଧରିବା ସହ ଦେଖଣାହାରୀ ବେଶ ମଜା ନେଇଥିଲେ। ମତ୍ସ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ପ୍ରାୟ ଦେଢ଼ ଟନ ବଡ଼ ବଡ଼ ମାଛ ଥିବା ବେଳେ ଦୁଇକୋଟିର ଜାଆଁଳ ପୋଖରୀଗୁଡିକରେ ରହିଥିଲା। ବର୍ଷା ଯୋଗୁ ପୋଖରୀଗୁଡିକ ପୁରି ଯିବାରୁ ମାଛଗୁଡିକ ପାଣି ସ୍ରୋତରେ ମହାନଦୀକୁ ଚାଲି ଯାଇଥିଲେ। ମାଛ ଧରିବା ଦୃଶ୍ୟ ଜାତୀୟ ରାଜପଥ ଦେଇ ଯାଉଥିବା ପଥଚାରୀଙ୍କୁ ଖୁବ ଆନନ୍ଦ ଦେଇଥିଲା।



ଲୋକେ ଜାତୀୟ ରାଜପଥରୁ ମାଛ ଧରୁଛନ୍ତି।

## ବଢୁଛି ମହାନଦୀ ଜଳସ୍ତର,ତଳିଆ ଅଞ୍ଚଳ ଜଳମଗ୍ନ

ବୌଦ୍ଧ,୨।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଲଗାଣ ବର୍ଷା ଯୋଗୁ ଏକ ପ୍ରକାର ବନ୍ୟା ପରିସ୍ଥିତି ଦେଖାଦେଇଛି । ମହାନଦୀ ଜଳସ୍ତର ବଢିବା ସହିତ ବିଭିନ୍ନ ନଦୀ ଫୁଲିବାରେ ଲାଗିଛି । ଜିଲାର ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ଅନେକ ଲୋକଙ୍କ ଘରେ ପାଣି ପଶିଯାଇଛି। ବୌଦ୍ଧ ଜିଲାରେ ମହାନଦୀରେ ବିପଦ ସଙ୍କେତ ୮୭.୮୦ ଥିବା ବେଳେ ବୁଧବାର ରାତିରେ ୮୭.୮୦ ଜଳସ୍ତର ରହିଥିବା ଜଣାପଡିଛି। ପୁରା ଜଗନ୍ନାଥ ସଡକ ବୌଦ୍ଧ ଠାରୁ ମାରଡା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ପାଣି ବୋହୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଜଗନ୍ନାଥ ସଡକର କୃଷ୍ଣମୋହନପୁର. ତେନ୍ତୁଳିପଦର, ଧଳପୁର, ସୁରଣ୍ଡି, ଭେଜିଗୋଡା, କୋଡାସିଙ୍ଗା ଓ ମାରଡା ଠାରେ ପାଣି ପ୍ରବାହିତ ହେବା ଯୋଗୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି। ମହାନଦୀ କୂଳ ପାଣିଘରା ଗ୍ରାମର ଖଣ୍ଡିସାହି, ତେନ୍ତୁଳିପଦର, ଝରାସାହି, ମାରଡା, ଭେଜିଗୋରା, ସୁରୁଣ୍ଡି, ଧଳପୁର, ଖଣ୍ଡିଧଳପୁର ଉଆଁଳ, ତିରଡ, କୁମାରୀ ଗ୍ରାମ ମୁଣ୍ଡରେ ପାଣି ରହିଥିବା ଦେଖିବାକୁ ମିଳିଛି । ରାମଜାଙ୍ଗି ନାଳରେ ପାଣି ଡୁଡା ମାରିବା ଯୋଗୁ କେନ୍ଦ୍ରୀୟ ବିଦ୍ୟାଳୟ ଭିତରକୁ ବର୍ଷା ପାଣି ପ୍ରବେଶ କରିଛି। ଜିଲାର ଶହ ଶହ ଏକର ଚାଷ ଜମିରେ ବର୍ଷା ପାଣି ଜମି ବ୍ୟାପକ କ୍ଷତି ଘଟାଇଛି। ଏପରି କି ମତ୍ସ୍ୟବିଭାଗ କାର୍ଯ୍ୟାଳୟ ଭିତରେ ଥିବା ପୋଖରୀଗୁଡିକରେ ପାଣି ଭର୍ତ୍ତି ହୋଇଯିବାରୁ ପୋଖରୀରେ ଥିବା ମାଛ ଓ ଜାଆଁଳ ଭାସିଯାଇ ପାଖରେ ଥିବା ମହାନଦୀକୁ ପଳାଇଥିଲେ ।



ବୌଦ୍ଧରେ ମହାନଦୀ ଫୁଲିବାରେ ଲାଗିଛି।

**ଜଗନ୍ନାଥ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ**

## କେନ୍ଦ୍ରୀୟ ବିଦ୍ୟାଳୟ ଜଳମଗ୍ନ



କେନ୍ଦ୍ରୀୟ ବିଦ୍ୟାଳୟ ପାଣି ଘେରରେ ରହିଛି।

ଲଗାଣ ବର୍ଷା ଯୋଗୁ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ସମ୍ମୁଖ ଭାଗରେ ତିନି ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ବିଦ୍ୟାଳୟ ପୁରାପୁରି ବନ୍ଦ ହୋଇଯାଇଛି। ଏହି ବିଦ୍ୟାଳୟ ନିକଟରେ ଥିବା ବାଣିଜ୍ୟକର କାର୍ଯ୍ୟାଳୟ ଓ କର୍ମଜୀବୀ ମହିଳା ନିବାସ ମଧ୍ୟ ପାଣି ଘେରରେ ରହିଛି।

## ତବଡ଼ାବାହାଲରେ ହାତୀ ଉପଦ୍ରବ

**ସମ୍ବଲପୁର, (ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ତବଡ଼ାବାହାଲ ପଞ୍ଚାୟତର କୁଡାମୁଣ୍ଡା ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ରାତିରେ ବଣୁଆ ହାତୀପଲ ଗ୍ରାମକୁ ପଶିଆସି ଘର ଭାଙ୍ଗି ଦେଇଛନ୍ତି। ଖବର ପାଇ ସ୍ଥାନୀୟ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟର ରେଞ୍ଜର ପୃଥ୍ୱି ରାଜବେହେରା ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ଗ୍ରାମର ଦିଲୀପ ମରାଇଙ୍କ ଘର ହାତୀ ଭାଙ୍ଗିଥିବାରୁ କ୍ଷତିପୂରଣ ଦେବାକୁ ରିପୋର୍ଟ ପ୍ରସ୍ତୁତ କରିଥିଲେ। ସ୍ଥାନୀୟ ସରପଞ୍ଚ ମମତା ପୂଜାରି ମଧ୍ୟ ଉପସ୍ଥିତ ଥିଲେ।


ଯୁଯୁମୁରା ବ୍ଲକ ବାହାମ-କୁଶନପୁରୀ ରାସ୍ତାରେ କଲଭର୍ଟ ଧୋଇଯାଇଛି।


ଜମନକିରା ବ୍ଲକ କୁମୁକାପାଲିରୁ ଭାଲୁଦୁଧିଆକୁ ସଂଯୋଗ କରୁଥିବା ରାସ୍ତା ଧୋଇ ହୋଇଯାଇଛି।


ନାକଟିଦେଉଳ ଅଞ୍ଚଳରେ ବର୍ଷାପାଣି ଲୋକଙ୍କ ଘରେ ପଶିଛି।


ମାନେଶ୍ୱର ବ୍ଲକ ରାସ୍ତାରେ ପଡିଥିବା ଗଛ କାଟି ସଫା କରୁଛନ୍ତି ଅଗ୍ନିଶମ କର୍ମଚାରୀ।

# ଲଗାଣ ବର୍ଷା: ଧୋଇଗଲା ରାସ୍ତା, ଭାଙ୍ଗିଲା ଘର

**ସମ୍ବଲପୁର, ୨୮ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲାରେ ଦୁଇଦିନ ହେଲା ଲଗାଣବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଧୋଇଯିବା ସହ ଘର ଭାଙ୍ଗିଯାଇଛି। ପ୍ରଭାବିତଙ୍କୁ ପ୍ରଶାସନ ପକ୍ଷରୁ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ଦିଆଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଘର ଭାଙ୍ଗିଥିବା ପରିବାରକୁ ପଲିଥିନ ପ୍ରଦାନ କରାଯାଇଛି। ମାଳତୀ ନଦୀ ଫୁଲି ରାସ୍ତା ଉପରେ ପାଣି ଚାଲିବାରୁ ସମ୍ବଲପୁର-ସୋନପୁର ୧୦ନଂ. ରାଜ୍ୟ ରାଜପଥ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଯାତାୟାତ ଠପ ହୋଇପଡିଥିଲା। ସମ୍ବଲପୁର ମହାନଗର ନିଗମ ଅଧୀନ ତଳି ଅଞ୍ଚଳରେ ପାଣି ଜମିଥିବାରୁ ପମ୍ପ ସାହାଯ୍ୟରେ ନିଷ୍କାସନ କରାଯାଇଥିଲା। ମାନେଶ୍ୱର ବ୍ଲକ ପରମାଣପୁର ପଞ୍ଚାୟତରେ ପ୍ରବଳ ବର୍ଷାରେ କେତେକ ଘର ଭାଙ୍ଗିଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଉଦ୍ଧାର କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ଦିଆଯାଇଛି। ସେହିପରି ପଡିଆବାହାଲ ନିକଟ ଡୁରିପଡାରେ କେତେଜଣଙ୍କ ଘର ଭାଙ୍ଗି ଯାଇଛି। ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରା, ବିଡିଓ ମନୋଜ ମେହେର ପ୍ରଭାବିତ ପଞ୍ଚାୟତ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି।

**ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନି):** ପ୍ରବଳ ବର୍ଷା ଯୋଗୁ ଜମନକିରା ବ୍ଲକ ଖରସନମାଳ ପଞ୍ଚାୟତ କୁମୁକାପାଲିରୁ ଭାଲୁଦୁଧିଆକୁ ସଂଯୋଗ କରୁଥିବା ରାସ୍ତା ଧୋଇ ହୋଇଯାଇଛି। ପାଣି ମାଡ଼ରେ ରାସ୍ତାରେ ବଡ଼ ଘାଇ ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବ୍ଲକ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାକୁ ମରାମତି କରିବା ପାଇଁ ଦାବି ହେଉଛି।

ଲଗାଣ ବର୍ଷା ପ୍ରଭାବରେ ଜମନକିରା ବ୍ଲକ ଖର୍ଶନମାଲ ପଞ୍ଚାୟତ କୁମୁକାପାଲିକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କରେ ବିରାଟ ଗଛ ଉପୁଡ଼ି ପଡ଼ିଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବନ ବିଭାଗ ଓ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଗଛ କାଟିବା ସହ ରାସ୍ତାରୁ ଗଣ୍ଡିଗୁଡ଼ିକୁ ହଟେଇଥିବା ଜଣାଯାଇଛି।

**ପଡିଆବାହାଲ, (ରାଧାମୋହନ ଷଡ଼ଙ୍ଗୀ):** ଦୁଇଦିନ ହେଲା ଲଗାଣ ବର୍ଷା ଲାଗିରହିଛି। ଏଥିଯୋଗୁ ଯୁଯୁମୁରା ବ୍ଲକ ପଡିଆବାହାଲ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ପେଟପାଟଣାରେ ବି ବର୍ଷା ବାଧକ ସାଜିଛି। ହାଟ ବଜାର ବସିପାରୁ ନ ଥିବାରୁ ଚାଷୀ ଓ ବେପାରୀ ନିଜ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷେ ରାସ୍ତା ନିର୍ମାଣ ବେଳେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ କରି ରାସ୍ତା ପୂର୍ବାପେକ୍ଷା ଉଚ୍ଚରେ କରାଯାଇଥିବାରୁ ଦାଣ୍ଡର ବର୍ଷାପାଣି ଘରକୁ ପଶୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅସମ୍ପୂର୍ଣ୍ଣ ଡ୍ରେନ୍ ଯୋଗୁ ରାସ୍ତାକୁ ଲାଗିଥିବା ବହୁ ଦୋକାନ ଘରକୁ ବର୍ଷାଜଳ ପଶି ବ୍ୟାପକ କ୍ଷତି ଘଟାଇଛି। ପଧାନପାଲି ନୋଡାଲ ହାଇସ୍କୁଲରେ ପ୍ରଥମଥର ପାଇଁ ଦୁଇଫୁଟ୍‌ରୁ ଅଧିକ ପାଣି ଜମିଥିବା ଦେଖିବାକୁ ମିଳିଥିଲା। ସରପଞ୍ଚ ସରସ୍ୱତୀ ଭୁସାଗର, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ବରିହାଙ୍କ ସହ ମିଶି ବର୍ଷାପାଣି ନିଷ୍କାସନ ପାଇଁ ଉଦ୍ୟମ ଜାରି ରଖିଥିଲେ।

ଲଗାଣ ବର୍ଷା ଯୋଗୁ ବାହାମରୁ କୁଶନପୁରୀ ଯିବା ରାସ୍ତାରେ ନବନିର୍ମିତ କଲଭର୍ଟ ଧୋଇ ଯାଇଛି। କଲଭର୍ଟ ଉପରେ ଜଳ ପ୍ରବାହିତ ହେଉଥିବାରୁ ଦୁଇଜଣ ବାଇକ୍ ଆରୋହୀ ଜାଣି ନ ପାରି ରାସ୍ତା ପାର ହେଉଥିବା ବେଳେ ଦୁର୍ଘଟଣାରେ ଶିକାର ହୋଇଛନ୍ତି। ବୁଧବାର ସକାଳୁ କଲଭର୍ଟ ତଳୁ ମାଟିରେ ପୋତି ହୋଇଥିବା ବାଇକ୍‌କୁ କୁଶନପୁରୀ ଗ୍ରାମବାସୀ ଉଦ୍ଧାର କରିଥିଲେ।

**ନାକଟିଦେଉଳ,(ବୈକୁଣ୍ଠ ନାଥ ସାହୁ):** ମଙ୍ଗଳବାରଠାରୁ ଲାଗିରହିଥିବା ବର୍ଷା ଯୋଗୁ ନାକଟିଦେଉଳ ବ୍ଲକ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସ୍ଥାନୀୟ ଚମ୍ପାଳି ଓ ଟିକିରା ନଦୀର ଉଦ୍‌ବୃତ୍ତ ଜଳ ବହୁ ଅଞ୍ଚଳକୁ ଜଳମଗ୍ନ କରିଛି। ସ୍ଥାନୀୟ ମହାବିଦ୍ୟାଳୟ ଖେଳପଡ଼ିଆ ନିକଟ ରାସ୍ତା ଓ ରେଢାଖୋଲ-ନାକଟିଦେଉଳ ରାସ୍ତାର କଟଙ୍ଗନାଳଠାରେ ୨ଫୁଟ୍‌ର ପାଣି ପ୍ରବାହିତ ହୋଇଥିଲା। ଏଥିଯୋଗୁ ଏହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଚମ୍ପାଳି ନଦୀ ପାଣି ବ୍ଲକ କାର୍ଯ୍ୟାଳୟ ପଛ ପାଖରେ ରହୁଥିବା ଲୋକଙ୍କ ଘର ଭିତରେ ପଶିଯିବାରୁ ସେମାନେ ଅନ୍ୟତ୍ର ଆଶ୍ରୟ ନେବାକୁ ବାଧ ହୋଇଥିଲେ। ତେବେ ଖମଣମୁଣ୍ଡା ଗ୍ରାମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବୁଧବାର ସକାଳୁ ନାକଟିଦେଉଳ ବିଡ଼ିଓ ବିବେକାନନ୍ଦ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚିତ୍ରା ସେଠ ପ୍ରମୁଖ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହିତ ଟିକିଲିପଡ଼ା ଗ୍ରାମରେ ପହଞ୍ଚି ଖମଣମୁଣ୍ଡା ଗ୍ରାମର ପ୍ରଭାବିତ ଲୋକଙ୍କୁ ରିଲିଫ ବଣ୍ଟନ କରିଥିଲେ। ଖମଣମୁଣ୍ଡା ଗ୍ରାମର ପ୍ରାୟ ୪୦ପରିବାରର ୧୫୦ ଲୋକଙ୍କୁ ଚାଉଳ, ଚୁଡ଼ା, ଗୁଡ଼, ପାଣି ପାଉଚ, ଔଷଧ, ପଲିଥିନ ବଣ୍ଟନ କରିଥିଲେ। ଘସିଆପଡ଼ା ଓ ବ୍ଲକ ଅଫିସ ପଛପାଖରେ ଥିବା ୩୦ ପରିବାରକୁ ମଧ୍ୟ ରିଲିଫ ଦିଆଯାଇଛି। ଗତ ୨୪ଘଣ୍ଟା ମଧ୍ୟରେ ବ୍ଲକରେ ସର୍ବାଧିକ ୧୯୯ମି.ମି. ବର୍ଷା ରେକର୍ଡ଼ ହୋଇଛି। ଏଥିଯୋଗୁ ବହୁ ଚାଷଜମି ପାଣିରେ ବୁଡ଼ିରହିଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଫଳରେ ଶିମିଳିପାଳ ଶରଧାପୁର ଏବଂ କାଉଁଶୀପାଳ-ଶରଧାପୁର ରାସ୍ତା ଧୋଇ ହୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। କ୍ଷୟକ୍ଷତିର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନାକଟିଦେଉଳ ତହସିଲଦାର ଅମର ଡୁଙ୍ଗଡୁଙ୍ଗ କହିଛନ୍ତି।

## ବର୍ଷାଜଳରେ ମାନ୍ଧାତା ବାବାଙ୍କ ଜଳାଭିଷେକ

**ସମ୍ବଲପୁର, ୨୮ (ଶୁଭାଶିଷ ପାଢ଼ୀ)**

### ୧୧ବର୍ଷ ପରେ ପୁଣି ବୁଡ଼ିଲା ମନ୍ଦିର ପ୍ରାଙ୍ଗଣ

ସମ୍ବଲପୁର ଜିଲା ମାନେଶ୍ୱରର ପ୍ରସିଦ୍ଧ ଶୈବପୀଠରେ ପୂଜା ପାଉଥିବା ମାନଧାତା ବାବା ବୁଧବାର ଆପେ ଆପେ ବର୍ଷାଜଳରେ ଜଳାଭିଷେକ ହୋଇଥିଲେ। ପ୍ରାୟ ୧୧ବର୍ଷ ପରେ ପୁଣି ଥରେ ବର୍ଷାରେ ବାବାଙ୍କ ଜଳାଭିଷେକ ହେବା ସହ ମନ୍ଦିର ଚତୁଃପାର୍ଶ୍ୱ ଜଳମଗ୍ନ ହୋଇଯାଇଥିଲା। କେବଳ ବାବା ନୁହନ୍ତି, ପାର୍ଶ୍ୱ ଦେବଦେବୀ ମଧ୍ୟ ଜଳାଭିଷେକ ହୋଇଥିଲେ। ଏହା ଜାଣିବା ପରେ ହଜାର ସଂଖ୍ୟାରେ ଭକ୍ତ ଆସି ବାବାଙ୍କୁ ଦର୍ଶନ କରିଥିଲେ।

ସାଧାରଣତଃ ଲୋକମାନେ ଠାକୁରଙ୍କ ଜଳାଭିଷେକ କରନ୍ତି। ହେଲେ ବର୍ଷାପାଣିରେ ଅଭିଷେକ ହେବା ସମୟରେ ଦର୍ଶନ କରିବା ସୌଭାଗ୍ୟର କଥା ବୋଲି ଭକ୍ତମାନେ କହିଥିଲେ। ମନ୍ଦିର ପୂଜକ ଶ୍ରୀନିବାସ ପୂଜାରୀ କହିଛନ୍ତି, ବୁଧବାର ପାଳି ଥିବାରୁ ଭୋର ୩ଟା ସମୟରେ ମନ୍ଦିର ଖୋଲିବାକୁ ଆସିଥିଲି। ମନ୍ଦିର ମୁଖ୍ୟଦ୍ୱାର ଖୋଲିବା ପରେ ଚାରିଆଡେ ପାଣି ଥିବା ଦେଖିଥିଲି। ମୁଖ୍ୟମନ୍ଦିର, ଗମ୍ଭୀରା ଗୃହ ସବୁଠି ପାଣି ଜମି ରହିଥିଲା। ସୌଭାଗ୍ୟର କଥା ଭାବି ପୂଜା କରିବା ପାଇଁ ବାହାରିଥିଲି। ସାଙ୍ଗରେ ଥିବା ଅନ୍ୟ ପୂଜକମାନେ ମଧ୍ୟ ସହଯୋଗ କରିଥିଲେ। ଘଣ୍ଟ, ଶଙ୍ଖ ବଜାଇ ଗମ୍ଭୀରା ଖୋଲାଯାଇଥିଲା। ପ୍ରତିଦିନ ଭଳି ବାବାଙ୍କୁ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ମାଳତୀ ନଦୀରୁ ପିଛିଲା ପାଣି ମନ୍ଦିରରେ ପ୍ରବେଶ କରି ଭଗବାନ ଜଳାଭିଷେକ ହୋଇଛନ୍ତି। ତାଙ୍କ ଇଚ୍ଛା ଅନୁସାରେ ସବୁ ହେଉଛି। ୧୧ବର୍ଷ ପୂର୍ବରୁ ୨୦୧୨ ମସିହାରେ ଏଭଳି ସ୍ଥିତି ହୋଇଥିଲା। ବହୁସଂଖ୍ୟାରେ ଭକ୍ତ ଆସି ଦର୍ଶନ କରୁଛନ୍ତି। ବର୍ଷା କମିଗଲେ ଆପେ ଆପେ ମନ୍ଦିରରୁ ପାଣି କମିଯିବ। ନୀତିକାନ୍ତି କରିବାରେ ସାମାନ୍ୟ ସମସ୍ୟା ହୋଇଥିଲା ବୋଲି ସେ କହିଥିଲେ।

## ଧୋଇଗଲା ନିର୍ମାଣାଧୀନ ବ୍ରିଜ୍

**ସମ୍ବଲପୁର, ୨୮ (ଶୁଭାଶିଷ ପାଢ଼ୀ)**

### ୫୦ ଗ୍ରାମକୁ ଗମନାଗମନ ବାଧାପ୍ରାପ୍ତ

ଲଘୁଚାପ ଓ ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗିରହିଛି। ଏଥିଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କେତେକ ସ୍ଥାନରେ ରାସ୍ତା, ପୋଲ, କଲଭର୍ଟ ଧୋଇଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସମ୍ବଲପୁର ଜିଲାରେ ମଧ୍ୟ ବର୍ଷା ବିପ୍ରାତ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ଯୋଗୁ ଜିଲାର ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ଖଲିଆଦର ଯୋର ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ବ୍ରିଜ୍ ଧୋଇଯାଇଛି। ଫଳରେ ପ୍ରାୟ ୫୦ ଗ୍ରାମକୁ ଗମନାଗମନ ବାଧାପ୍ରାପ୍ତ ହୋଇଛି।

ଜିଲାରେ ଗତ ଦୁଇଦିନ ହେଲା ଲଗାଣ ବର୍ଷା ଲାଗିରହିଛି। ସୂଚନାକ୍ରମେ ଜିଲାର ଯୁଯୁମୁରା ବ୍ଲକରେ ସର୍ବାଧିକ ୩୬୧.୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ନଦୀ, ନାଳ, ପୋଖରୀ, ଗାଡିଆ ସବୁଠାରେ ପାଣି ଫୁଲି ରହିଛି। ଯୁଯୁମୁରା ଖଲିଆଦର ବ୍ରିଜ୍ ଧୋଇଯିବା ଫଳରେ ଆଖପାଖ ମରଜୁରି, ବଡମାଲ, ଭୋଇପାଲି, ପାଣ୍ଡରୀ, ସାତସମା, ଗୋପାଳପୁର, ବଡପାଟି, ଭାଡିଆକଟା ଆଦି ଗ୍ରାମଗୁଡିକ ଏକପ୍ରକାର ବିଚ୍ଛିନ୍ନ ହୋଇରହିଛି। ନିକଟରେ ଥିବା ଚାଷଜମି ଜଳାର୍ଣ୍ଣବ ହୋଇପଡିଛି। ନଦୀନାଳ, ପୋଖରୀ ପାଣି ଉଛୁଳି ଚାଷଜମି ଉପରେ ଲହଡି ମାରୁଛି। ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି, ପୋଲ କାମ ସମ୍ପୂର୍ଣ୍ଣ ହୋଇନାହିଁ, ଏହା ନିର୍ମାଣାଧୀନ ରହିଛି। ବର୍ଷା ଯୋଗୁ ସଂଯୋଗୀକରଣ ରାସ୍ତାର ମାଟି ଧୋଇଯାଇଛି। ବର୍ଷା କମିବା ପରେ ଏହା ନିର୍ମାଣ କରାଯିବ। ଜିଲା ଜରୁରିକାଳୀନ ଅଧିକାରୀ ଆଦିତ୍ୟ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଜିଲାର ୬ ବ୍ଲକର ୨୯ ଗାଁ ପ୍ରଭାବିତ ହୋଇଛି। ବହୁ ଲୋକଙ୍କ କଚ୍ଚାଘର ଭାଙ୍ଗିଯାଇଛି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ଜିଲାର ନାକଟିଦେଉଳ ଓ ରେଢାଖୋଲରେ ଗୋଟିଏ ଲେଖାଏ ଏବଂ ସମ୍ବଲପୁର ମହାନଗର ନିଗମରେ ୨ଟି ମୋଟ ୪ ଆଶ୍ରୟସ୍ଥଳ ଖୋଲାଯାଇଛି।

## ସଂକ୍ଷେପରେ

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଛୁରାମାଡ଼

**ସମ୍ବଲପୁର, ୨୮ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଲକ୍ଷ୍ମୀଟକିଜ୍ ପାଖରେ ଥିବା ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଛୁରାମାଡ଼ କରି ଟଙ୍କା ଲୁଟ୍ ନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ସୂଚନାକ୍ରମେ ଦୁର୍ବୃତ୍ତଜଣକ ପେଟ୍ରୋଲ ପମ୍ପକୁ ଆସି ଜଣେ କର୍ମଚାରୀଙ୍କ ପାଖରେ ଛିଡ଼ା ହୋଇଥିଲେ। କର୍ମଚାରୀ ଜଣକ ବ୍ୟାଗରୁ ଟଙ୍କା ବାହାର କରୁଥିବା ବେଳେ ଦୁର୍ବୃତ୍ତ ତାଙ୍କୁ ଛୁରିରେ ଆକ୍ରମଣ କରି ବ୍ୟାଗକୁ ଟଙ୍କା ଲୁଟ କରି ଦୌଡ଼ି ପଳାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଲୁଟ ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଦେବଗଡ଼, ୨୮ (ଶଶାଙ୍କ ଶେଖର ଝାଙ୍କର)**

କାରକୁ ଧକ୍କା ଦେଲା ଏକ ଅଜଣା ଟ୍ରକ। ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଏବଂ ଆଉ ୨ ସାମାନ୍ୟ ଆହତ ହୋଇଛନ୍ତି। ଦେବଗଡ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଗୁଣ୍ଡେଇମରା ନିକଟ ଜାତୀୟ ରାଜପଥ ଉପରେ ବୁଧବାର ସନ୍ଧ୍ୟାରେ ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବଣେଇଁ ଥାନା ତଳିତା ଗ୍ରାମର ଶ୍ରୀକାନ୍ତ ସାହୁଙ୍କ ପୁଅ ଶଶାଙ୍କ ସାହୁ(୨୫)ଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନୁଗୁଳ ଜିଲା ବାଙ୍କଦରି ଗ୍ରାମର ନରେଶ କିଷାନ ଗୁରୁତର ଆହତ ହୋଇଥିବା ବେଳେ ହିଞ୍ଜିଲିତା ଗ୍ରାମର ଜଗନ ମହାନ୍ତ ଏବଂ ସିପୁନ ମହାନ୍ତ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ ଟାରେ ୪ ଯୁବକ ସମ୍ବଲପୁର ଜିଲାର ଜମନକିରା ପଟୁ ଏକ ଡିଜାୟାର କାର (ଓଡ଼ି ୧୪- ଜେଡ-୦୪୫୬)ଯୋଗେ ଦେବଗଡ଼ ଅଭିମୁଖେ ଆସୁଥିଲେ। ଗୁଣ୍ଡେଇମରା ଛକ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ କୌଣସି ଏକ ଅଜଣା ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଶଶାଙ୍କଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗୁରୁତର ଆହତ ଥିବା ନରେଶଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ଜଗନଙ୍କ ଗୋଡ ଭାଙ୍ଗି ଯାଇଥିବାବେଳେ ସେ ଆହତ ହୋଇଛନ୍ତି। ଅଧିକ ଚିକିତ୍ସା ପାଇଁ ପରିବାର ଲୋକ ତାଙ୍କୁ କଟକ ନେଇଥିବା ଜଣାପଡ଼ିଛି। କଂସର ଫାଣ୍ଡି ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ କାର ଜବତ କରିବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ହୀରାକୁଦ ସୁଭାଷ ମଇଦାନରେ ସମ୍ବଲପୁରୀ ଦିନ୍


ହୀରାକୁଦ ସୁଭାଷ ମଇଦାନଠାରେ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ସମ୍ବଲପୁର, ୨୮ (ବି.ଶଙ୍କର)**

ହୀରାକୁଦ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ସୁଭାଷ ମଇଦାନଠାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ସକାଳେ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ମହିଳାଙ୍କ ମଧ୍ୟରେ ଖେଟି ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଜାତୀୟ ସଙ୍ଗୀତ ଓ ସମଲେଇ ବନ୍ଦନାରୁ ସମ୍ବଲପୁରୀ ଦିନ୍ ଆରମ୍ଭ ହୋଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ, ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଣ୍ଡେ, ସ୍ମେଲ୍ଟର ମୁଖ୍ୟ ଦେବାଶିଷ ମଲିକ, ପାୱାର ମୁଖ୍ୟ ପ୍ରାଞ୍ଜଳ ପାଠକ, ବିଜେଡି ଯୁବନେତା ଦେବେନ୍ଦ୍ର କିଶୋର ପତି, ସପନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମଶ୍ରୀ କ୍ରିଷ୍ଣା ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ହୀରାକୁଦର ଜିଗ୍‌ଜାଗ୍ ଡ୍ୟାନ୍ସ ଏକାଡେମୀ, ବିନାୟକ ଡ୍ୟାନ୍ସ ଗ୍ରୁପ, ସମଲେଶ୍ୱରୀ କ୍ଲବ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସମଲେଶ୍ୱରୀ କିନ୍ନର ଆସୋସିଏଶନ ସଭ୍ୟାଙ୍କ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ମହୋତ୍ସବ କମିଟି ସଭାପତି ରତ୍ନାକର ରାଉତ, କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟେଇ, ସାଧାରଣ ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା, ସମ୍ପାଦକ ପ୍ରଦୀପ ପଣ୍ଡା, ଉପସଭାପତି ସଚିକାନ୍ତ ମିଶ୍ର ଉତ୍ସବ ପରିଚାଳନ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ଆଲୋଚନା

**ସମ୍ବଲପୁର, ୨୮ (ବି.ଶଙ୍କର)**

ସାହିତ୍ୟାନୁଷ୍ଠାନ ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ଜମନକିରା ବ୍ଲକ ଭୋଜପୁରସ୍ଥିତ ବିଛାଲାଲ ରାମଚନ୍ଦ୍ର ଗୁପ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ୧୦୮ତମ ଜୟନ୍ତୀ ଓ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରତାପ ମହାକୁଲଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଭାଷାବିଜ୍ଞାନୀ ଡ. ପିତାମ୍ବର ବେହେରା ଯୋଗଦେଇ ସମ୍ବଲପୁରୀ ଭାଷା ଉପରେ ସାଂସ୍କୃତିକ ପ୍ରଭୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ଅର୍ଥଗତ, ବ୍ୟାକରଣଗତ, ଉଚ୍ଚାରଣ ଓ ବ୍ୟବହାରଗତ ଦିଗରୁ ସମ୍ବଲପୁରୀ ଭାଷାର ସ୍ୱତନ୍ତ୍ରତା ରହିଛି। ଏହି ଭାଷାରେ ଅଧିକରୁ ଅଧିକ ସାହିତ୍ୟ ସୃଷ୍ଟି ତଥା ବିବିଧ ଲେଖାମାନ ବ୍ୟବହାରିକ ଭାବରେ ପ୍ରୟୋଗରେ ଆସିବା ଉଚିତ ବୋଲି ମତ ଦେଇଥିଲେ। ଲେଖକ ପରିଷଦର ସଭାପତି ମୁକ୍ତକଣ୍ଠ ପ୍ରଧାନ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ରଚନା ଶୈଳୀ ଉଚ୍ଚାଙ୍ଗ ଶବ୍ଦ ଗୁମ୍ଫନ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଦେବାର୍ଚ୍ଚନ ଠାକୁର ସତ୍ୟନାରାୟଣ ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ ଶୀଘ୍ର ପ୍ରକାଶିତ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସହସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଭାଷା ସହ ସାଂସ୍କୃତିକ ସଂରକ୍ଷଣରେ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଜନ୍ମେଜୟ କୁମୁରା ସଭା ସଂଯୋଜନା ଓ ଅଧ୍ୟାପିକା ଅନିତା ପଟେଲ ଧନ୍ୟବାଦ ଦେଇଥିଲେ।

## ବିକାଶ ଦ କନ୍‌ସେପ୍ଟ ସ୍କୁଲରେ ସମ୍ବଲପୁରୀ ଦିନ୍

**ସମ୍ବଲପୁର, ୨୮ (ବି.ଶଙ୍କର)**

ସମ୍ବଲପୁର ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ସମ୍ବଲପୁରୀ ସଂସ୍କୃତି, ପରମ୍ପରା, ଲୋକନୃତ୍ୟ, ଲୋକଗୀତ, ସମ୍ବଲପୁରୀ ବସ୍ତ୍ର ବିଶ୍ୱବିଦିତ। ତେଣୁ ଛାତ୍ରୀଛାତ୍ରଙ୍କୁ ନିଜ ସଂସ୍କୃତିକୁ ବଜାୟ ରଖିବା ପାଇଁ ମତ ଦେଇଥିଲେ। ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଓ ଏକାଡେମିକ ଡାଇରେକ୍ଟର ଜି. ରାମକ୍ରିଷ୍ଣା ସମ୍ବଲପୁରୀ ଦିନ ପାଇଁ ବିକାଶ ଗ୍ରୁପର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଓ ବିକାଶ ଗ୍ରୁପ ସମ୍ବଲପୁରର ଏକାଡେମିକ ଅଧିକାରୀ ପୁଷ୍ପିତା ପଣ୍ଡା ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଛାତ୍ରୀଛାତ୍ର ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ କବିତା ଆସର ହୋଇଥିଲା।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ପ୍ରୋଜେକ୍ଟ ସାଧନାର ଶୁଭାରମ୍ଭ

**ରେଙ୍ଗାଲି, ୨୮ (ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମଙ୍ଗଳବାର ସରକାରୀ ବିଦ୍ୟାଳୟର ଭିତ୍ତି ଭୂମି ବିକାଶ, ଜଳ ପରିମଳ ବ୍ୟବସ୍ଥା, କ୍ରୀଡା, କଳା ଓ ସଂସ୍କୃତିର ବିକାଶ ପାଇଁ ସାଧନା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜଙ୍ଗଲା ପଞ୍ଚାୟତ ଅନ୍ତର୍ଗତ ଲହମଣି ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଧୀର କୁମାର ନାଏକ, ପୂର୍ବତନ ସରପଞ୍ଚ ମୁରାରୀ ବିଶ୍ୱାଳ, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶ୍ୱେତା ଉପାଧ୍ୟାୟ, ମନୋରଞ୍ଜନ ବେହେର ପ୍ରକଳ୍ପ ସାଧନା ମାଧ୍ୟମରେ ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ଶିକ୍ଷକମାନଙ୍କୁ ଆନନ୍ଦଦାୟକ ଶିକ୍ଷା କୌଶଳ ପ୍ରଦାନ କରିବା ଲକ୍ଷ୍ୟ ରଖିଛି ବୋଲି ମତବ୍ୟକ୍ତ କରିଥିଲେ।

## ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଉପଦେଷ୍ଟାଙ୍କ କୁଚିଣ୍ଡା ଗସ୍ତ

**କୁଚିଣ୍ଡା, ୨୮ (ବିରଞ୍ଚି ଦର୍ବା)**

ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଉପଦେଷ୍ଟା ସବିତା ମହାପାତ୍ର ମଙ୍ଗଳବାର କୁଚିଣ୍ଡା ଗସ୍ତରେ ଆସି କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନବନିର୍ମିତ କୁସୁମୀରୁ ଗୁଦଗୁଦା ରାସ୍ତା ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସାଲେଭାଡ଼ି ଗ୍ରାମବାସୀ ଉପଦେଷ୍ଟାଙ୍କୁ ଭେଟି ଏହି ପଞ୍ଚାୟତ ଅନୁନ୍ନତ ଅଞ୍ଚଳ ହୋଇଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ପରେ ସାଲେଭାଡ଼ି ପଞ୍ଚାୟତରେ ସରପଞ୍ଚ ଧନୁର୍ଜୟ ନାଏକଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ସମିତି ସଭ୍ୟ ସନ୍ତୋଷ ନାଏକ, କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡି, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ନାୟକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସଭାରେ ଉପସ୍ଥିତ ଉପଦେଷ୍ଟାଙ୍କ ସମେତ ଅନ୍ୟମାନେ।

## ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ କୁଚିଣ୍ଡା ଗସ୍ତ | ପ୍ରକଳ୍ପ ପରିଦର୍ଶନ କରି ସମୀକ୍ଷା କଲେ

**କୁଚିଣ୍ଡା, ୨୮ (ବିରଞ୍ଚି ଦର୍ବା)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ବୁଧବାର କୁଚିଣ୍ଡା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏଥିସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସମୀକ୍ଷା କରିଥିଲେ। ପରିଷଦ ଅନୁଦାନରେ କାର୍ଯ୍ୟକାରୀ ହୋଇଥିବା କୁତୁରାଚୁଆଁ ହାଇସ୍କୁଲ ସମ୍ମିଳନୀ କକ୍ଷ, ସାତକମା ରାଧାକୃଷ୍ଣ ମଣ୍ଡପ, କୁଚିଣ୍ଡା ଏନ୍‌ଏସିରେ ଥିବା ରଙ୍ଗବତୀ କଳାପରିଷଦରେ ନିର୍ମାଣାଧୀନ ପ୍ରେକ୍ଷାଳୟ ପରିଦର୍ଶନ କରି ଶୀଘ୍ର ସମାପନ ନେଇ ଆଲୋଚନା କରିଥିଲେ। ପରେ କୁଚିଣ୍ଡା କଲେଜରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଶିକ୍ଷାର ସଞ୍ଜ୍ଞା ବଦଳିଥିବାରୁ ଡିଜିଟାଲ ଶିକ୍ଷାର ଫାଇଦା ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ଆରଏମସି ପରିସରରେ ନବନିର୍ମିତ ସୋଲାର ପରିଚାଳିତ ଶୀତଳ ଭଣ୍ଡାର ଓ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ହୋଇଥିବା ଲଙ୍କାଚାଷ ସମ୍ପର୍କିତ ଷ୍ଟଲ ପରିଦର୍ଶନ କରିଥିଲେ। ଅପରାହ୍ନରେ କେନ୍ଦୁପତ୍ର ଡିଏଫ୍‌ଓଙ୍କ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ତ୍ରିପାଠୀ ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଶୀଘ୍ର ପ୍ରକଳ୍ପ ସମାପନ ହେବା ନେଇ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଡବ୍ଲ୍ୟୁଓଡିସି ସିଇଓ ଅଜିତ ମିଶ୍ର, ପ୍ରୋବେଶନ ଆଇଏଏସ୍ ଆରୁଗୁଲା ସ୍ନେହା, କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏସଡିପିଓ ଅମିତାଭ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।


ଏସ୍‌ଏଚ୍‌ଜି ମହିଳାଙ୍କ ସହ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଅଗଷ୍ଟ, ୨୦୨୩



## ୩ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ



ଗୁଡଭେଲା,(ମନୋଜ କୁମାର ଜୈନ): ଲଗାଣ ବର୍ଷା ଯୋଗୁ ଗୁଡଭେଲା ବ୍ଲକ ନୂଆଁପଡା ଗ୍ରାମର ମୁଣ୍ଡର ପୋଲ ଉପରେ ବୁଧବାର ୪ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ନୂଆଁପଡା, ଟାଙ୍ଗିଗାଁ, କୁକେଡମାଲ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଲଗାଣ ବର୍ଷା ଯୋଗୁଁ ଏପରି ହୋଇଥିବା ବେଳେ ତୁଷୁରା ସହରରେ ଉକ୍ତ ଗ୍ରାମର ଲୋକମାନେ ବ୍ୟବସାୟୀ କରନ୍ତି। ଏବେ ଉକ୍ତ ଲୋକମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି।



ବଲାଙ୍ଗୀର ସହରର ପାଟଣେଶ୍ୱରୀ ମନ୍ଦିର ଭିତରେ ବର୍ଷା ପାଣି ପଶି ଦେବୀଙ୍କ ପ୍ରତିମା ବୁଡିବା ସ୍ଥିତି ଉପୁଜିଥିଲା।



ବଲାଙ୍ଗୀର ସହରର ଗୋପାଳଜୀ ମନ୍ଦିର ଜଳମଗ୍ନ।

# ମନ୍ଦିର, ଘର ଭିତରେ ଲହଡ଼ି ମାରିଲା ଡ୍ରେନ୍‌ପାଣି

ବଲାଙ୍ଗୀର, ୨।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଏକ ପୁରୁଣା ଏବଂ ଯୋଜନବଦ୍ଧ ସହର ଭାବେ ସାରା ଓଡିଶାରେ ପରିଚିତ। ଏଠାକାର ବାଗଡି ଘର ଭଳି ବର୍ଗାକାର ରାସ୍ତା, ଜଳ ପରିଚାଳନା ଦିନେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ଗୋଟିଏ ବର୍ଷ ହେଲେ ଜଣାପଡିଯାଉଛି ସହର ସ୍ୱାସ୍ଥ୍ୟ ଭଲନାହିଁ। ଗତ ଦୁଇଦିନର ଲଗାଣ ବର୍ଷାରେ ଉବୁଟୁବ ସହର। ଇଷ୍ଟଦେବୀଙ୍କ ମନ୍ଦିରଠୁ ଲୋକଙ୍କ ଘରେ ଆଣ୍ଠୁଏ ପାଣି। କିଛି ରାସ୍ତାରେ ଛାତିଏ ପାଣି ଯୋଗୁଁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ରାତିରୁ ଘର ମନ୍ଦିରରେ ଡ୍ରେନ୍ ପାଣି ପଶି ଯିବାରୁ ଉଜାଗର ରହି ଲୋକେ ପାଣି ନିଷ୍କାସନରେ ମାତିଛନ୍ତି। ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଅବିଶ୍ରାନ୍ତ ବର୍ଷା ବୁଧବାର ରାତି ସୁଦ୍ଧା ଜାରି ରହିଛି।

ସରକାରୀ ସୂଚନା ମୁତାବକ ମଙ୍ଗଳବାର ସକାଳୁ ବୁଧବାର ସକାଳ ପର୍ଯ୍ୟନ୍ତ ବଲାଙ୍ଗୀର ସହରରେ ୧୭୩ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି। ପ୍ରବଳ ବର୍ଷା ବେହାଲ ମ୍ୟୁନିସିପାଲିଟି ଡ୍ରେନ୍ ସମସ୍ୟା ଏବଂ ଜବରଦଖଲ ସମସ୍ୟାକୁ ଉଜାଗର କରିଛି। ସହରର ଅନେକ ପୁରୁଣା ମନ୍ଦିର ଏବେ ସାମାନ୍ୟାବର୍ଷା ହେଲେ ଜଳାଶୟ ଭିତରେ ମନ୍ଦିର ଭ୍ରମ ସୃଷ୍ଟି କରୁଛି। ପାଟଣା ରାଜ୍ୟ ଅଧିଷ୍ଠାତ୍ରୀ ଦେବୀ ମା'ପାଟଣେଶ୍ୱରୀଙ୍କ ମନ୍ଦିର ଭିତରେ ଡ୍ରେନ୍ ପାଣି ପଶିଯିବାରୁ ଦେବୀ ପାଣି ଘେରରେ ରହିଯାଇଥିଲେ। ଏହି ମନ୍ଦିରଟି ରାସ୍ତାରୁ ପ୍ରାୟ ଦୁଇଫୁଟ୍ ତଳ ହୋଇଗଲାଣି। ମନ୍ଦିର ସାମ୍ନାରେ ଯେଉଁ ଡ୍ରେନ୍ ଯାଇଛି ସେଥିରେ ଜଳ ନିଷ୍କାସନ କ୍ଷମତା ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ମନ୍ଦିର ଭିତରକୁ ବର୍ଷାଜଳ ପଶିଯାଉଛି। ଆଜି ବର୍ଷାଜଳରେ ମନ୍ଦିର ଭିତର ଦେବୀ ପ୍ରତିମା ବୁଡିବା ଅବସ୍ଥା ସୃଷ୍ଟି ହୋଇଥିଲା। କେତେଜଣ ଶ୍ରଦ୍ଧାଳୁ ପାଣିପମ୍ପ ଆଣି ଜଳ ନିଷ୍କାସନ କରିବା ପରେ ମନ୍ଦିର ଭିତରୁ ବର୍ଷାଜଳ ବାହାରିଥିଲା। ବର୍ଷା ଓ ଡ୍ରେନ୍ ପାଣି ମନ୍ଦିର ଭିତରକୁ ପଶିବା ଏବଂ ଦେବୀଙ୍କ ପ୍ରତିମା ଅର୍ଦ୍ଧ ବୁଡିବା ଅବସ୍ଥାକୁ ଚାଲିଯିବା ଘଟଣାକୁ ଶ୍ରଦ୍ଧାଳୁମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମନ୍ଦିର ଅବସ୍ଥା ସମ୍ପର୍କରେ ଖବର ପାଇ ଉପଜିଲାପାଳ କୁମାର ନାଗଭୂଷଣ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ ଏବଂ ଅନ୍ୟମାନେ ଘଟଣା ସ୍ଥଳକୁ ଆସି ସ୍ଥିତି ସମୀକ୍ଷା କରିଥିଲେ। ସ୍ୱେଚ୍ଛାସେବୀ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ମନ୍ଦିରରୁ ପାଣି ନିଷ୍କାସନ କରାଯାଇଥିଲା। ମନ୍ଦିର ଅବସ୍ଥା ଦେଖି ପୂଜକ ମଳୟ ଦିଶ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ମନ୍ଦିର ମରାମତି ଏବଂ ଆନୁସଙ୍ଗିକ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ଦାବି କରିଛନ୍ତି। ପାଟଣେଶ୍ୱରୀ ମନ୍ଦିର ସମେତ ସମଲେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର, ଲୋକନାଥ ମନ୍ଦିରରେ ବର୍ଷାଜଳ ଲହଡି ମାରୁଥିଲା। ବହୁ କଷ୍ଟରେ ମନ୍ଦିର ଭିତରୁ ପାଣି ନିଷ୍କାସନ କରାଯାଇଛି।

ଏହାସହିତ ଲଗାଣବର୍ଷା ଯୋଗୁଁ ସହରର ଖାଡିଆପଡା, ସାଲେପାଲି, ତେଲିଗୋଠପଡା, ତୁଳସୀନଗର, ପ୍ରତାପସାଗରପଡା, କଲେଜ ଛକ, ଶାନ୍ତିପଡା, ଖର୍ସେଲପଡା, ବରପାଲିପଡା, ତାଳପାଲିପଡା, ମାଳପଡା, ସାଗରପଡା, ରୁଗୁଡିପଡା, ଉଦୟନଗର, ମାଲଗୋଦାମପଡା ସମେତ ଅନ୍ୟ ତଳି ଅଞ୍ଚଳରେ ବର୍ଷା ପାଣି ଯୋଗୁ ବହୁ ଲୋକଙ୍କ ଘର ଭିତରକୁ ବର୍ଷା ପାଣି ପଶିଯିବାରୁ ଲୋକେ ରାନ୍ଧିକରି ଖାଇବା ସ୍ଥିତିରେ ମଧ୍ୟ ନାହାନ୍ତି। ଖାଡିଆପଡାରେ ମହିଳାମାନେ ତାଙ୍କ ଦୁଃସ୍ଥିତି ସମ୍ପର୍କରେ ଜଣାଇଛନ୍ତି। ମଙ୍ଗଳବାର ରାତିରୁ ସେମାନଙ୍କ ଘରେ ପାଣି ପଶି ଯିବାରୁ ରାତିରେ ବହୁ କଷ୍ଟ ଭୋଗିଥିବା କହିଛନ୍ତି। ଖର୍ସେଲପଡାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲିଛି। କଦମପଡା-ରେଲୱେ ଅଣ୍ଡର ବ୍ରିଜ୍‌ରେ ଛାତିଏ ପାଣି ଥିବାରୁ ଆଠଗାଁ, ମହୀମୁଣ୍ଡା-ବଲାଙ୍ଗୀର ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି। ଜିଲାପାଳ କାର୍ଯ୍ୟାଳୟ, ପୌର କାର୍ଯ୍ୟାଳୟ, ପ୍ରାଣୀଧନ କାର୍ଯ୍ୟାଳୟ ସମେତ ବିଭିନ୍ନ ଅଫିସରେ ବର୍ଷାପାଣି ଜଳଡା ମାରୁଥିଲା। ପୌରାଧକ୍ଷା ସାହୁ ଓ ମ୍ୟୁନିସିପାଲିଟି ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଜିଲାପାଳ ଚଞ୍ଚଳ ରାଣା ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର, ମ୍ୟୁନିସିପାଲିଟି ଅଧିକାରୀମାନଙ୍କୁ ସ୍ଥିତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଓଡ୍ରାଫ, ଅଗ୍ନିଶମ ବିଭାଗ ଏବଂ ପୋଲିସ ବାହିନୀ ମଧ୍ୟ ସ୍ଥିତି ଉପରେ ନଜର ରଖି ବିଭିନ୍ନ ଲୋକଙ୍କୁ ସହାୟତା ଯୋଗାଉଛନ୍ତି ବୋଲି କହିଥିଲେ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ବର୍ଷା ପାଣି ଅଟକି ରହିଛି।

**ବଲାଙ୍ଗୀରରେ ଅବିଶ୍ରାନ୍ତ ବର୍ଷା**

- ଡ୍ରେନ୍ ଭିତରେ ପଡିଛି କୁଢ଼କୁଢ଼ ଆବର୍ଜନା
- ମ୍ୟୁନିସିପାଲିଟି ଡ୍ରେନ୍ ଏବଂ ଜବରଦଖଲ ସମସ୍ୟାକୁ ଉଜାଗର କଲା









ପ୍ରାଣୀଧନ କାର୍ଯ୍ୟାଳୟରେ ବର୍ଷା ପାଣି(ବାମ), ତୁଳସୀନଗରରେ ଜଣେ ମହିଳାଙ୍କ ଘର ଭିତରେ ବର୍ଷା ପାଣି(ମଝି) କଦମପଡା-ବିଷ୍ଣୁମୁଣ୍ଡା ରେଲୱେ ଅଣ୍ଡର ବ୍ରିଜ୍‌ରେ ବର୍ଷା ପାଣି ଜମିଥିବାରୁ ଆଠଗାଁ-ମହୀମୁଣ୍ଡା ରାସ୍ତା ବିଚ୍ଛିନ୍ନ ହୋଇଯାଇଛି।

# ବିସ୍ଥାପିତଙ୍କ ଦୁଃଖ ଦ୍ୱିଗୁଣିତ କଲା ଲଗାଣବର୍ଷା

ବଲାଙ୍ଗୀର, ୨।୮
(ବୀରେନ୍ଦ୍ର କୁମାର ଝାଙ୍କର)

**ଚରମ ଦୁର୍ଦ୍ଦଶାରେ ଝାଙ୍କରପାଲି ଥଇଥାନ କଲୋନି**

- ଜଳଘେରରେ ରହୁଛନ୍ତି ଲୋକ
- ନିମ୍ନମାନର ଅସ୍ଥାୟୀ ଘରକୁ ନେଇ ଉଦ୍‌ବେଗ

ଲୋୟର ସୁକ୍‌ତେଲ ପ୍ରକଳ୍ପ ଯୋଗୁଁ କିଛିଦିନ ତଳେ ବିସ୍ଥାପିତ ହୋଇଥିବା ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ପରିବାର ଏବେ ଝାଙ୍କରପାଲି ଥଇଥାନ କଲୋନୀର ଅସ୍ଥାୟୀ ଘରେ ରହୁଛନ୍ତି। ଅସ୍ଥାୟୀ ଘର ନିମ୍ନମାନର ହୋଇଥିବାରୁ ଲୋକେ ବର୍ଷାଦିନରେ ବହୁକଷ୍ଟରେ ରହୁଛନ୍ତି। ଗତ ଦୁଇଦିନର ଲଗାଣ ବର୍ଷାରେ ପୁଣି ଥରେ ଝାଙ୍କରପାଲି ଥଇଥାନ କଲୋନୀର ଲୋକେ ଜଳ ଘେରରେ ରହିଛନ୍ତି। ଏଠାରେ ଅତି ନିମ୍ନମାନର କାମ ହୋଇଥିବା ଲୋକେ ବହୁ ଦିନରୁ ଅଭିଯୋଗ କରିଆସୁଛନ୍ତି। ଟିଣରେ ତିଆରି ଘରେ ପାଣି ଗଳୁଥିବାରୁ ଲୋକେ ଘର ଭିତରେ ରହି ବସି ପାରୁନାହାନ୍ତି। ଲଗାଣ ବର୍ଷାରେ ତାଙ୍କ ଅସ୍ଥାୟୀ ଘର ଭିତରେ ବର୍ଷା ପାଣି ଭରି ଯାଇଛି। ବାହାରେ ମଧ୍ୟ ବର୍ଷାଜଳ ଘେରାବନ୍ଦୀ ହୋଇ ରହିଛି। ଏଠାରେ ରହୁଥିବା ଫାଲ ପ୍ରଧାନ, ନାରାୟଣ କୁମ୍ଭାର, ଦିଗ୍ମନ କୁମ୍ଭାର, ବୁଡକୁ ପ୍ରଧାନ, ଅଚ୍ୟୁତ୍ ପ୍ରଧାନ, ହରି ପ୍ରଧାନ, ରବୀନ୍ଦ୍ର ଗଡତ୍ୟା, ସୁରୁ ବିଶ୍ୱାଳଙ୍କ ଘରେ ପାଣି ପଶିଯାଇଛି। ରାସ୍ତାଘାଟ ତିଆରି ହୋଇ ନ ଥିବାରୁ ବର୍ଷାପାଣିରେ ଏହା ଚାଲିବା ଯୋଗ୍ୟ ହୋଇରହିନାହିଁ। ଲୋକଙ୍କ କହିବା ହେଲା ଯେ, ସେମାନେ ନିଜ ଗାଁରେ ଭଲରେ ଥିଲେ। ଆଉ ଦୁଇମାସ ପରେ ବିସ୍ଥାପିତ କରାଯାଇଥିଲେ ସେମାନଙ୍କର କୌଣସି ଅସୁବିଧା ହୋଇନଥାନ୍ତା। ମାତ୍ର ପ୍ରଶାସନ କୌଣସି କଥା ନଶୁଣି ତରବରିଆ ଭାବେ ଲୋକଙ୍କୁ ବିସ୍ଥାପିତ କରିଛି। ଗୋଟିଏ ପଟେ ଥଇଥାନ କଲୋନୀ ରହିବାଯୋଗ୍ୟ ହୋଇନାହିଁ। ଏବେ ବର୍ଷା ଦିନରେ ଲୋକେ ବହୁ କଷ୍ଟରେ ଦିନ କାଟୁଛନ୍ତି। ଜେସିବି ମେସିନ୍ ଅଣାଯାଇ ରାସ୍ତା କାଟିବା ପରେ ପାଣି ଯିବ ବୋଲି କୁହାଯାଉଛି। ମାତ୍ର ରାତି ସାରା ପାଣି ଘେରରେ ଲୋକ ରହିଛନ୍ତି। ଘର ଭିତରେ ପାଣି ଭରି ଯିବାରୁ ରାତିରେ ରନ୍ଧାବଢ଼ା କରି ନ ଥିବା ଜଣାଇଛନ୍ତି। ପ୍ରଶାସନ ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁ ବୋଲି ସେମାନେ ଦାବି ଜଣାଇଛନ୍ତି।



ଝାଙ୍କରପାଲି ଥଇଥାନ କଲୋନିରେ ଗଡଶଙ୍କର ଡୁଙ୍ଗୁରିପାଲି ଲୋକେ ରହୁଥିବା ଅସ୍ଥାୟୀ ଘର ପାଣି ଘେରରେ ରହିଛି।

# ଡେଙ୍ଗଜୁରିକୁ ପଶିଲା ବନ୍ୟାପାଣି

ଲୋଇସିଂହା, ୨।୮ (ସୁଶାନ୍ତ ବାରିକ)

**୧୦୬ ଜଣଙ୍କୁ ଉଦ୍ଧାର କଲା ପ୍ରଶାସନ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବୁଦଲା ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗଜୁରି ଗ୍ରାମକୁ ବୁଧବାର ବନ୍ୟା ପାଣି ପଶିଛି। ଗ୍ରାମ୍ୟ ବସ୍ତି ରାସ୍ତା ଓ କେତେକଙ୍କ ଘର ପାଣିରେ ଉବୁଟୁବୁ ହେଉଛି। ଖବର ପାଇ ଆଗଲପୁର ବିଡିଓ ଶଙ୍କର କେରକେଟା, ତହସିଲଦାର ସରୋଜା ବେହେରା ଅଗ୍ନିଶମ ବିହାନୀ ସହ ଗାଁରେ ପହଞ୍ଚିଥିଲେ। ଜଳଘେରରେ ଥିବା ଗ୍ରାମର ୧୦୬ଜଣ ସଦସ୍ୟଙ୍କୁ ଉଦ୍ଧାର କରି ବୁଦଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରଖାଯାଇଥିବା ବିଡିଓ କେରକେଟା ପ୍ରକାଶ କରିଛନ୍ତି। ମଙ୍ଗଳବାରରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି । ଏପରିକି ଉପରମୁଣ୍ଡରେ ଅଧିକ ମାତ୍ରାରେ ବର୍ଷା ହୋଇଥିବାରୁ ଅଙ୍ଗନଦୀରେ ବନ୍ୟା ପାଣି ଆସୁଛି। ଅଙ୍ଗନଦୀର ଶାଖା ଘେଁସାଲି ଜୋରରେ ବନ୍ୟା ପାଣି ଅଧିକ ମାତ୍ରାରେ ଯାଉଛି। ଘେଁସାଲି ଜୋରର ବନ୍ୟା ପାଣି ଡେଙ୍ଗଜୁରୀ ଗ୍ରାମକୁ ପଶିଛି। ୧ ୱାର୍ଡ ବିଶିଷ୍ଟ ଗ୍ରାମରେ ପ୍ରାୟ ସାଢେ ୩ ଶହ ଲୋକ ବାସ କରୁଛନ୍ତି। ସେଥିରୁ ମାଟି ଓ କଚାଘର ଥିବା ଲୋକଙ୍କ ଘରେ ପାଣି ପଶି ଯିବାରୁ ସେମାନେ ବିପଦସଙ୍କୁଳ ଅବସ୍ଥାରେ ରହୁଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇଁ ପ୍ରଶାସନିକ ଅଧିକାରୀ ୩ କିମି ଚାଲ କରି ଯାଇ ଗାଁରେ ପହଞ୍ଚିଥିଲେ। ବିପଦରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରି ଆଣିଥିଲେ। ଘେଁସାଲି ଜୋରରେ ଆଡିବନ୍ଧ ନିର୍ମାଣ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷା ଲାଗି ରହିଲେ ଗ୍ରାମବାସୀଙ୍କ ପାଇଁ ଆହୁରି ବିପଦ ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସେହିପରି ବ୍ଲକର ଇଂସାରୁ ବାଞ୍ଜିପାଲି ରାସ୍ତା, ସାଲେଭଟା-କୁଟାସିଂହା ରାସ୍ତାର ଡୁଙ୍ଗରିପାଲି ନିକଟରେ ଥିବା କୁଠୀ ଜୋରରେ ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଉକ୍ତ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଛି। ସେହିପରି ଆଗଲପୁର-ପଦ୍ମପୁର ରାସ୍ତା ମଧ୍ୟ ବିଚ୍ଛିନ୍ନ ହୋଇଛି। ଇଂସା ବ୍ରିଜ ନିକଟରେ ଚଳିତ ବର୍ଷ ଆଡିବନ୍ଧ ନିର୍ମାଣ ହୋଇଥିଲା। ନବ ନିର୍ମିତ ଆଡିବନ୍ଧ ଉପରେ ପାଣି ଯିବାରୁ ଘାଇ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।



ଡେଙ୍ଗଜୁରି ଗାଁରେ ବିଡିଓ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ବସ୍ତିକୁ ମାଡ଼ିଲା ବର୍ଷାପାଣି

ଲୋଇସିଂହା, ୨।୮ (ସୁଶାନ୍ତ ବାରିକ)

ଲଘୁଚାପ ଜନିତ ଲଗାଣ ବର୍ଷା ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ବିରକେଲ ଗ୍ରାମରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଗ୍ରାମର ମହାଲିଙ୍ଗ ଜଳାଶୟକୁ ଉଦବୃତ୍ତ ବର୍ଷା ଜଳକୁ କେତେକ ଗ୍ରାମବାସୀ ପ୍ରବେଶ କରି ନ ଦେଇ ଅବରୋଧ କରି ରଖିଛନ୍ତି। ଫଳରେ ଉଦବୃତ୍ତ ବର୍ଷା ଜଳ ଜଳାଶୟକୁ ନ ଯାଇ ଗ୍ରାମ୍ୟ ବସ୍ତି ରାସ୍ତାରେ ଛୁଟୁଛି। ଗ୍ରାମର କେତେକ ଜଣଙ୍କ ଘରେ ପଶିଛି । ଏନେଇ ଗ୍ରାମର ରଘୁନାଥ ପଟେଲ ଲୋଇସିଂହା ତହସିଲ ଅଫିସ ଯାଇ ବୁଧବାର ଫେରାଦ ହୋଇଥିଲେ। ଏହାପରେ ରାଜସ୍ୱ କର୍ମଚାରୀ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଜୁନ ମାସରେ ଗ୍ରାମର ମହାଲିଙ୍ଗ ଜଳାଶୟ ପୁନରୁଦ୍ଧାର କାମ ହାତକୁ ନିଆଯାଇଥିଲା । ଜଳାଶୟ ମଝିରୁ ମାଟି ଉଦ୍ଧାର ନକରି ହିଡ ତଟରୁ ମାଟି ଉଠାଇ ହିଡରେ ପକାଯାଉଥିଲା। ଏପରିକି ଜୁନ ୧୫ ପରେ କାମକୁ ନେଇ ଗ୍ରାମବାସୀ ବାରଣ କରିଥିଲେ । ଏହାକୁ ନେଇ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ବିବାଦ ଯୋଗୁ କାମ ବନ୍ଦ ରହିଥିଲା। ଏବେ ଗ୍ରାମର ଏକଗୋଷ୍ଠୀ ବର୍ଷା ପାଣି ଜଳାଶୟକୁ ପ୍ରବେଶ କରୁଥିବା ପଥକୁ ଅବରୋଧ କରିଛନ୍ତି। ଫଳରେ ଜଳାଶୟର ଉପରମୁଣ୍ଡର ପାଣି ବସ୍ତିକୁ ପ୍ରବେଶ କରୁଛି।



ବିରକେଲ ଗ୍ରାମ ରାସ୍ତାରେ ବର୍ଷାପାଣିର ସୁଅ ଛୁଟୁଛି।

# ଭାଙ୍ଗିଲା ଘର, ଉଜୁଡ଼ିଲା ଫସଲ



ବ୍ରାହ୍ମଣୀପାଲ-ଖଇରମାଲ ରାସ୍ତା ଉପରେ ବନ୍ୟାପାଣି ବୋହ ରାସ୍ତା ବିଚ୍ଛିନ୍ନ ହୋଇଛି।

ଦେଓଗାଁ, ୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଗତ ଦୁଇଦିନ ହେଲା ଲଗାଣ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବ୍ୟାପକ ଅଞ୍ଚଳ ପାଣିଘେରରେ ରହିଛି। ବିଭିନ୍ନ ଗାଁରେ ଗଛ ଉପୁଡି ପଡିବା ସହ ଲୋକଙ୍କ ଘର ଭାଙ୍ଗିଯାଇଛି। ଧାନ ଓ ପନିପରିବା ଫସଲ ଉଜୁଡି ଯାଇଛି। ତେଲ ଓ ସୋନଗଡ ନଦୀରେ ବନ୍ୟାଜଳ ବଢ଼ିବାରେ ଲାଗିଛି। କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରମାଲ ଓ ସିଂହାଟିମାଲ ଅଞ୍ଚଳରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। କୁଲୁତାପଡା ଓ ଅର୍ଜୁନପୁର ରାସ୍ତା ଉପରେ ପାଣି ବୋହୁଛି। ମଝିରେ ନିର୍ମାଣାଧୀନ ପୋଲ ଭାଙ୍ଗିଯିବାରୁ ବର୍ତ୍ତମାନ ସମ୍ପୃକ୍ତ ପଥରେ ଯାତାୟାତ ବିଚ୍ଛିନ୍ନ ରହିଛି । ବ୍ରାହ୍ମଣୀପାଲିରୁ ଖଇରମାଲ ରାସ୍ତାରେ ଥିବା ପୋଲ ନିକଟରେ ଘାଇ ସୃଷ୍ଟି ହେବାରୁ ପଞ୍ଚାୟତ ମୁଖ୍ୟାଳୟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ତେଲନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବାରୁ ଖଇରମାଳ, ସିଂହାଟିମାଲ ତଥା ଆଖପାଖ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେହିପରି ଗୁଡଖାପଲା ପଞ୍ଚାୟତ ଅନ୍ତର୍ଗତ ମାଲପଡା ନିକଟସ୍ଥ ବଢ଼ିଆପଡାରେ ଅନେକ ପରିବାର ଜଳବନ୍ଦୀ ଭାବେ ରହିଥିବା ସୂଚନା ମିଳିଛି। ବୁଧବାର ସନ୍ଧ୍ୟାସୁଦ୍ଧା ଖଇରମାଲ ଅଙ୍ଗନୱାଡି ପର୍ଯ୍ୟନ୍ତ ବନ୍ୟାଜଳ ମାଡିଆସିଛି। ଘଟଣାସ୍ଥଳରେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ବିଡିଓ ସୁରେନ୍ଦ୍ର କୁମାର ମେହେର, ତୁଷୁରା ଥାନାଧିକାରୀ ସଞ୍ଜୀବ ପଧାନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ସୂଚନା ଦେଇଛନ୍ତି । ଆବଶ୍ୟକ ପଡିଲେ ରାତି ସୁଦ୍ଧା ଖଇରମାଲ ଗାଁର ୪୫ପରିବାରର ପ୍ରାୟ ୩୨୦ ଜଣଙ୍କୁ ଅର୍ଜୁନପୁର ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ବୋଲି ତହସିଲଦାର ବିଶ୍ୱାଳ ସୂଚନା ଦେଇଛନ୍ତି ।

ଲଗାଣବର୍ଷା ଯୋଗୁଁ ବ୍ଲକର ବିଭିନ୍ନ ଗାଁରେ ଘର ଭାଙ୍ଗିବା ଚିତ୍ର ସାମ୍ନାକୁ ଆସିଛି। ସାରସବାହାଲ ଗାଁର ଜିତେଶ ରଣା, ନନ୍ଦ ମାହାକୁରଙ୍କ ଘର ଭାଙ୍ଗିଛି। ଘୁଟିପାଲିର ସୁରେନ୍ଦ୍ର ମାଝି, ସୁକାନ୍ତି ମାଝି, ବିକଳ ମାଝି, ବନ୍ଧପଡା ଗାଁର ସୁଧିର କୁମ୍ଭାର, ଗୁଡଖାପଲା ଗାଁର ଲକ୍ଷ୍ମଣ ସୁନା ତଥା ଲଣ୍ଡାପଥର ପଞ୍ଚାୟତ ଅନ୍ତର୍ଗତ ଝିକେରମାଲ ଗାଁର ୨ଟି ପରିବାରର ଘର ଭାଙ୍ଗିଥିବା ବେଳେ ସେମାନେ ସ୍ଥାନୀୟ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ସରପଞ୍ଚ ଦେବାନ୍ତୀ କ୍ଷେତି ସୂଚନା ଦେଇଛନ୍ତି। ପଞ୍ଚାୟତ ତରଫରୁ ପ୍ରାଥମିକ ସହାୟତା ଯୋଗାଇ ଦିଆଯାଇଛି। ତହସିଲ ପକ୍ଷରୁ ଏକ ଟିମ ଗାଁକୁ ଗାଁ ଯାଇ ସର୍ଭେ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ବିଶ୍ୱାଳ ସୂଚନା ଦେଇଛନ୍ତି ।





ବିଜେପୁର-ପଦ୍ମପୁର ରାସ୍ତାର ଘେଁସାଲି ନଦୀ ପୋଲ ଉପରେ ୮ଫୁଟର ବନ୍ୟାଜଳ ଏବଂ ପାଖରେ ବିପଦଶଙ୍କୁଳ ଅବସ୍ଥାରେ ନିର୍ମାଣାଧୀନ ବ୍ରିଜ । ଭେଡ଼େନ ବ୍ଲକ ବ୍ରାହ୍ମଣଡୁରୁମରେ କ୍ଷତିଗ୍ରସ୍ତ ଘର । ଗାଇସିଲେଟ ବ୍ଲକ ଗୁଦେରପାଲି-ଖଲାବାହାଲ କ୍ଷତିଗ୍ରସ୍ତ ରାସ୍ତାକୁ ପ୍ରଶାସନିକ ଅଧିକାରୀମାନେ ପରିଦର୍ଶନ କରୁଛନ୍ତି ।

# ବରଗଡ଼ ଜିଲାରେ ବର୍ଷା ବିପ୍ରାତ

ବରଗଡ଼/ଗାଇସିଲେଟ୍/ବରପାଲି/ଅତାବିରା/ପଦ୍ମପୁର, ୨।୮ (ପ୍ରେମାନନ୍ଦ ଖମାରୀ/ବେଦପ୍ରକାଶ କଲେତ୍/ଚିତ୍ତରଞ୍ଜନ ସାହୁ/ହୃଷିକେଶ ଖମାରୀ/ପ୍ରଦୀପ୍ତ ଦାଶ)

- ପୋଲ ଉପରେ ପାଣି, ଯାତାୟାତ ବାଧାପ୍ରାପ୍ତ
- ଘର ଭାଙ୍ଗି ୩ଆହତ, ଜଣଙ୍କୁ ବୁର୍ଲା ସ୍ଥାନାନ୍ତର
- ଘରକୁ ପଶୁଛି ବର୍ଷାପାଣି, ଲୋକେ ହଟହଟା
- ଡଙ୍ଗା ଚଳାଚଳ ବନ୍ଦ, ବାହ୍ୟ ଜଗତରୁ ବିଚ୍ଛିନ୍ନ

ବରଗଡ଼ ଜିଲାରେ ୨ଦିନ ହେଲା ବର୍ଷା ଲାଗି ରହିଛି । ଲଗାଣ ବର୍ଷା ଯୋଗୁ ଜିଲାର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଛି। କେଉଁଠାରେ ପୋଲ ଉପରେ ଆଣ୍ଠୁଏ ପାଣି ବହୁଛି ତ ଆଉ କେଉଁଠି ଡ୍ରେନ ତଥା ରାସ୍ତାଘାଟ ପାଣି ଘରଦ୍ୱାରକୁ ପଶୁଛି । ସେହିପରି କେତେକ ସ୍ଥାନରେ ମାଟିକାନ୍ଥ ଭୁଷୁଡ଼ି ପଡ଼ିଥିବାବେଳେ ଚାଷଜମି ମଧ୍ୟ ଜଳମଗ୍ନ ହୋଇ ପଡ଼ିଛି। କଚାରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ବିଜେପୁର ବ୍ଲକରେ ଘର ଭାଙ୍ଗିଯିବା ଯୋଗୁ ୩ଜଣ ଆହତ ହୋଇଥିବା ସୂଚନା ମିଳିଛି । ଏଭଳି ବର୍ଷା ବିପ୍ରାତ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ବର୍ଷା ଲାଗି ରହିଥିବାବେଳେ ବୁଧବାର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁ ଆଗକୁ ଏହି ସମସ୍ୟ ଆହୁରି ବଢ଼ିଯିବା ଆଶଙ୍କା ରହିଛି । ପ୍ରଶାସନିକ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିବାବେଳେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଆଶ୍ରୟସ୍ଥଳୀ ଖୋଲାଯାଇଛି ।

ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ସୁଦ୍ଧା ଜିଲାର ଅମ୍ବାଭୋନାରେ ୭୫.୫, ଅତାବିରାରେ ୬୫.୨, ବରଗଡ଼ରେ ୮୫.୬, ବରପାଲିରେ ୧୪୮, ଭଟଲିରେ ୬୦, ଭେଡ଼େନରେ ୯୫.୩, ବିଜେପୁରରେ ୧୮୫, ଗାଇସିଲେଟରେ ୧୭୦, ଝାରବନ୍ଧରେ ୯୮, ପାଇକମାଳ, ୯୪, ପଦ୍ମପୁରରେ ଏବଂ ସୋହେଲାରେ ୧୩୦ ମି.ମି ବୃଷ୍ଟିପାତ ରେକର୍ଡ଼ ହୋଇଛି । ଏଭଳି ବୃଷ୍ଟିପାତ ଯୋଗୁ ବରପାଲି, ବିଜେପୁର, ଗାଇସିଲେଟ, ଭେଡ଼େନ, ଅତାବିରା ଆଦି ବ୍ଲକର ଲୋକେ ଅଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ପଡ଼ିଛି । ୧୧ୱାର୍ଡ଼ ବିଶିଷ୍ଟ ଉକ୍ତ ଏନଏସି ଅଧିନ ୱାର୍ଡ଼ ନଂ-୧ର କୃଷ୍ଣାବନ୍ଧ ପଡ଼ା, ଜଗନ୍ନାଥ ନଗର, ୱାର୍ଡ଼ ନଂ-୨ ଶାନ୍ତି ନଗର, ଡାକବଙ୍ଗଳା ପଡ଼ା ସମେତ ବିଭିନ୍ନ ଅଞ୍ଚଳରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା। ସେହିପରି ଅନେକ ଘରକୁ ପାଣି ମଧ୍ୟ ପଶିଥିଲା । ଏନଏସି ଅଧ୍ୟକ୍ଷ ଦିନେଶ ଗହିରଙ୍କ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀମାନେ ସମ୍ପୃକ୍ତ ଘର ଗୁଡ଼ିକ ମଧ୍ୟରୁ ପାଣି ନିଷ୍କାସନ କରିଥିବାବେଳେ ଜରୁରୀ ଭିତ୍ତିରେ କେତେକ ସ୍ଥାନରେ ନାଳ ମଧ୍ୟ ଖୋଲାଯାଇଥିଲା ।

ସେହିପରି ବିଜେପୁରରୁ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଘେଁସାଲି ନଦୀ ପୋଲ ଉପରେ ୮ଫୁଟରୁ ଅଧିକ ବନ୍ୟାଜଳ ଯାଉଥିବା ଯୋଗୁ ବିଜେପୁରରୁ ଉକ୍ତ ରାସ୍ତା ଦେଇ ପଦ୍ମପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ଅନ୍ୟପକ୍ଷେ ଅଧିକ ବନ୍ୟାଜଳ ଆସିଲେ ସେଠାରେ ରହିଥିବା ନିର୍ମାଣାଧିନ ବ୍ରିଜ ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଯାଇଛି। ବିଜେପୁର ବ୍ଲକର ଲାଉମୁଣ୍ଡା, କାଲସେଡ଼େରା ଆଦି ଗ୍ରାମର ଲୋକେ ଅଧିକ ପ୍ରଭାବିତ ହୋଇଛନ୍ତି। ଲାଉମୁଣ୍ଡା ପେଟ୍ରୋଲ ପମ୍ପରେ ଆଣ୍ଠୁଏ ପାଣି ଜମି ରହିଥିବାବେଳେ କାଲସେଡେରା ଗ୍ରାମରେ ଘର ଭାଙ୍ଗିଯିବା ଯୋଗୁ ଶାନ୍ତି କାଲସା, ଗୋପାଳ କାଲସା, ଗଦନ କାଲସା ଆହତ ହୋଇଛନ୍ତି । ଶାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଯୋଗୁ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ସେହିପରି ଅନ୍ୟ ୨ଜଣ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ଅଛନ୍ତି । ଉକ୍ତ ବ୍ଲକର ଟି. ଗଣ୍ଡପାଲିରେ ଏକ ଜଳାଶୟ(କଁଟା) ଭୁଷୁଡ଼ ପଡ଼ିଥିବା ସୂଚନା ମିଳିଛି ।

ଅତାବିରା ବ୍ଲକ ଅନ୍ତର୍ଗତ ବାବେବିରା ଏବଂ ଅମସ୍ତଲା ମଧ୍ୟରେ ପ୍ରବାହିତ ଝାଇଁଜୋର୍ ନଦୀର ଫେୟାର ୱେଦର ରାସ୍ତା ଧୋଇ ହୋଇଯାଇଛି। ଫଳରେ ବାବେବିରାରୁ ଅମସ୍ତଲା ଅଞ୍ଚଳକୁ ଗମନାଗମନ ବିଚ୍ଛିନ୍ନ ହୋଇ ପଡ଼ିଛି। ଝାଇଁଜୋରରୁ ଉଭୟ ପାର୍ଶ୍ୱରେ ରହିଥିବା ଚାଷଜମି ଜଳମଗ୍ନ ହୋଇ ପଡ଼ିଛି । ପାଲି ବୁଗବୁଗା-ଝିଲିମିଣ୍ଡା ଏବଂ ଭୂତଟିକ୍ରା-ପତ୍ରାପାଲି ନାଳର କଲଭର୍ଟ ଉପରେ ୬ଫୁଟରୁ ଊର୍ଦ୍ଧ୍ୱ ପାଣି ବହୁଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କର୍ଣ୍ଣଟିକ୍ରା-ନଘାପାଲି ବ୍ରିଜ ଉପରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁ ସେହି ରାସ୍ତାରେ ଯାତାୟାତ ଠପ୍ ପଡ଼ି ଯାଇଛି। ଲଗାଣ ବର୍ଷା ଯୋଗୁ ପଦ୍ମପୁର ଉପଖଣ୍ଡ ଲଖମରା, ଚର୍ଦାପାଲି ମଝିରେ ପ୍ରବାହିତ ଅଙ୍ଗନଦୀରେ ଜଳସ୍ତର ବିପଦପୂର୍ଣ୍ଣ ରହିଛି। ଫଳରେ ଡଙ୍ଗା ଚଳାଚଳ ବନ୍ଦ ଥିବା ଯୋଗୁ ଚର୍ଦାପାଲି, ଲୁହୁରାକୋଟ୍, ଗୁଣ୍ଡିଚାଡିହି, ଲହଣ୍ଡିପୁର, ଡଙ୍ଗରିଆ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ବର୍ଷାଋତୁରେ ଚର୍ଦାପାଲି ପଞ୍ଚାୟତବାସୀ କାଠଡଙ୍ଗା ସାହାଯ୍ୟରେ ଓଡ଼ିଶାକୁ ଆସିଥାନ୍ତି । ଉକ୍ତ ପଞ୍ଚାୟତର ବ୍ଲକ କାର୍ଯ୍ୟାଳୟ ପାଇକମାଳ, ପୋଲିସ ଥାନା ଝାରବନ୍ଧ ବ୍ଲକର ଜଗଦଲପୁର ଥାନା ଏବଂ ତହସିଲ କାର୍ଯ୍ୟାଳୟ ରାଜବୋଡ଼ାସମ୍ବର ବ୍ଲକର ପଦ୍ମପୁରରେ ରହିଛି । ମାତ୍ର ଯାତାୟାତରେ ଅଙ୍ଗନଦୀ ବାଧକ ସାଜିଛି। ଏଠାରେ ସେତୁ ନିର୍ମାଣାଧୀନ ରହିଛି ।



ଅତାବିରା ବ୍ଲକ ବୁଗବୁଗା-ପୋଡ଼ବାଡ଼ି ମଧ୍ୟରେ ପ୍ରବାହିତ ଝାଇଁଜୋର ନଦୀର ଫେୟାରୱେଦର ରାସ୍ତା ଧୋଇ ହୋଇଯାଇଛି ।



ପଦ୍ମପୁର ବ୍ଲକ ଖଲିଆପାଲି ପଞ୍ଚାୟତର ଚାଷଜମିରେ ବର୍ଷାପାଣି ଲହଡ଼ି ମାରୁଛି ।



ବିଜେପୁର ବ୍ଲକ ଲାଉମୁଣ୍ଡା ଆଶ୍ରୟସ୍ଥଳୀରେ ବର୍ଷା ବିପନ୍ନମାନେ ଆଶ୍ରୟ ନେଇଛନ୍ତି ।



ମାନପୁର ପଞ୍ଚାୟତ ମହୁଲେ ଗ୍ରାମରାସ୍ତାରେ ଜମିଥିବା ପାଣିରେ ପଶି ପିଲାମାନେ ସ୍କୁଲ ଯାଉଛନ୍ତି ।

## ବହୁ ଗାଁ ଜଳବନ୍ଦୀ, ଭାଙ୍ଗିଲା ମାଟିଘର

ଭେଡ଼େନ, ୨।୮(ସୁଦନ ମହାକୁର)

ଲଘୁଚାପ ଜନିତ ଲଗାଣ ବର୍ଷା ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବର୍ଷା ଯୋଗୁ ଅନେକ ମାଟିଘର ବତୁରି ଭାଙ୍ଗି ଯିବାରେ ଲୋକେ ବାସହରା ହୋଇଛନ୍ତି। ପାଣି ନିଷ୍କାସନ ହୋଇ ନ ପାରିବାରୁ ତଳିଆ ଅଞ୍ଚଳରେ ଥିବା ବହୁ ଗାଁ ଜଳବନ୍ଦୀ ହୋଇ ରହିଛି। ଘର ଭିତରେ ଆଣ୍ଠୁଏ ପାଣି ଜମିଛି। ରୋଷେଇ ସମ୍ଭବ ହୋଇ ପାରୁ ନଥିବାରୁ ଲୋକେ ଶୁଖିଲା ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି। ଚାଷଜମିରେ ପାଣି ଜମି ରହିଥିବାରୁ ରୁଆ, ବିହୁଡ଼ା ହୋଇଥିବା ଧାନ ଗଛ ପଚିସଢ଼ି ନଷ୍ଟ ହେବାକୁ ବସିଲାଣି। ଭେଡ଼େନ ବ୍ଲକରେ ପ୍ରବାହିତ ଜୀରନଦୀ, ଦନ୍ତାନଦୀ, ଝାଉଁଯୋର ସହିତ ଅନେକ ଛୋଟ ବଡ଼ ନାଳର ଉଦ୍‌ବୃତ୍ତ ପାଣି ବ୍ୟାପକ ଅଞ୍ଚଳକୁ ପ୍ଳାବିତ କରିଛି। ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଡୁରୁମ ଗ୍ରାମର ଆନନ୍ଦ ମହାଲିଙ୍ଗ, ସତ୍ୟନାରାୟଣ ଝାଙ୍କର, ପ୍ରଦୀପ ଦୀପ, ଗଣ୍ଡଡୁରୁମ ଗ୍ରାମର ସୁଗ୍ରୀବର ସାହୁ, ମୁରଲି ମେଣ୍ଡେଲି, କେଶ୍ରିପାଲି ଗ୍ରାମର ଚନ୍ଦ୍ରଶେଖର ଦାଶ ଏବଂ ମହୁଲପାଲି ଗ୍ରାମର ଦଶରଥ ସେଟଙ୍କ ମାଟି ଘର ଭାଙ୍ଗି ଯାଇଛି। ସେହିପରି ମାନପୁର ପଞ୍ଚାୟତ ଅର୍ନ୍ତଗତ ମହୁଲେ ଗ୍ରାମରେ ନିଷ୍କାସନ ହୋଇ ନ ପାରି ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି ଜମି ରହିବା ସହ ଅନେକ ଘର ଭିତରେ ପଶିଛି । ଭେଡ଼େନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ପଚାରିବାରୁ ରାଜସ୍ୱ ନିରୀକ୍ଷକମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ ଘରଘର ବୁଲି କ୍ଷୟକ୍ଷତି ଆକଳନ କରି ପ୍ରାଥମିକ ରିପୋର୍ଟ ଦେବେ। ପ୍ରାଥମିକ ପର୍ଯ୍ୟାୟରେ କ୍ଷତିଗ୍ରସ୍ତ ପରିବାରଙ୍କୁ ତାରପୋଲିନ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବରପାଲି, ୨।୮(ଚିତ୍ତରଞ୍ଜନ ସାହୁ)

ଆଗାମୀ ସ୍ୱାଧୀନତା ଦିବସ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରପାଲି ବ୍ଲକ ମିଟିଂହଲରେ ତହସିଲଦାର ରୁକ୍ମଣି ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୭ ଓ ୮ ତାରିଖ ଦୁଇ ଦିନ ଧରି ଛାତ୍ରୀଛାତ୍ରଙ୍କ ମଧରେ ଦେଶାତ୍ମବୋଧକ ସଙ୍ଗୀତ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଛାତ୍ରୀଛାତ୍ରମାନଙ୍କ ପରେଡ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ବୈଠକରେ ଏବିଡ଼ିଓ ଭବାନୀ ମେହେର, ପଞ୍ଚାୟତ ସମିତି ଅଧକ୍ଷା ରୀନା ଥଇତ, ନଗରପାଳ ଦୀନେଶ ଗହୀର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନ କୁମାର ଭୋଇ, ଥାନା ଆଇଆଇସି ଜୟରଶ୍ମି ସେଠୀ, ମନ୍ତ୍ରୀ ରୀତା ସାହୁଙ୍କ ପ୍ରତିନିଧି ଟିକାୟତ ମହତ୍ତମ ମଞ୍ଚାସୀନ ଥିଲେ। ଅଗ୍ନିଶମ ବିଭାଗ ସମେତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ। ସ୍ୱାଧୀନତା ଦିବସର ବିଭିନ୍ନ କାର୍ଯକ୍ରମ ସମେତ ଛାତ୍ରୀଛାତ୍ରଙ୍କୁ ନେଇ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗୀତାର ତଦାରଖ ଦାୟିତ୍ୱ ଚିତ୍ତରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି । ଏବିଇଓ ରତ୍ନ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାପୁଛି ଝାଡ଼ାବାନ୍ତି, ୨୦ଅସୁସ୍ଥ

ଅମ୍ବାଭୋନା, ୨।୮(ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭଏନାତୋରା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡିଛି । ଏଥିରେ ଗ୍ରାମର ୨୦ଜଣ ଅସୁସ୍ଥ ହୋଇଛନ୍ତି । ଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ୮ଜଣ ସୁସ୍ଥ ହୋଇଥିବାବେଳେ ଅନ୍ୟ ୧୨ଜଣ ବିଭିନ୍ନ ଡାକ୍ତରଖାନା ଏବଂ ଘରେ ଚିକିତ୍ସାଧିନ ରହିଥିବା ସୂଚନା ମିଳିଛି । ତେବେ କେଉଁ କାରଣରୁ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି, ତାହା ଜଣାପଡ଼ି ନାହିଁ । ଦୂଷିତ ପାଣି ବ୍ୟବହାର ଏହାର କାରଣ ହୋଇଥିବା ଅନୁମାନ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି । ପ୍ରକାଶ ଯେ, ଗତପ୍ରାୟ ଏକ ସପ୍ତାହ ହେଲା, ଏଠାରେ ଝାଡ଼ାବାନ୍ତି ଜଣେ ପରେ ଆଉଜଣଙ୍କୁ ବ୍ୟାପିବାରେ ଲାଗିଛି । ତେବେ ଗ୍ରାମରେ ଝାଡ଼ାବାନ୍ତି ଅସୁସ୍ଥଙ୍କ ସଂଖ୍ୟା ବଢ଼ି ଚାଲିବା ଖବର ପାଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଟିମ ଗ୍ରାମକୁ ପହଞ୍ଚିଥିଲା । ଭୁକ୍ତା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ଟେମରାମ ଦେହେରୀଙ୍କ ତତ୍ତ୍ୱାବଧାନରେ ପହଞ୍ଚିଥିବା ଟିମ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲା । ସେହିପରି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଘରକୁ ଘର ବୁଲି ଝାଡ଼ାବାନ୍ତି ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି କରିଛନ୍ତି। ଏହା ସହିତ ଗ୍ରାମର ଗଳିକନ୍ଦିରେ ବ୍ଲିଚିଂ ପାଉଡର ପକାଯାଇଛି ।



ସ୍ୱାସ୍ଥ୍ୟ ବିଭାଗର ଟିମ ଝାଡ଼ାବାନ୍ତି ପ୍ରଭାବିତ ଗ୍ରାମ ପରିଦର୍ଶନ କରୁଛନ୍ତି ।

## ସମ୍ବଲପୁରୀ ଦିନ୍: ଜମିଲା କବିତା ଆସର

ପଦ୍ମପୁର, ୨।୮ (ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ସିରଜିନା ସାହିତ୍ୟ ଆର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଖରସିବାଞ୍ଜିରେ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମ୍ବଲପୁରୀ ଦିନଭାବେ ପାଳନ କରାଯାଇଥିଲା। ପ୍ରଥମ ଅଧିବେଶନରେ ମନୋରଞ୍ଜନ ସାହୁ ମା' ସମଲେଇ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଫାଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଅନୁଷ୍ଠାନ ସଭାପତି ରାଜୁ ଘିବେଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଗଦାଧର ନିଆଲ ସମ୍ବଲପୁରୀ ଦିବସ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସଂସ୍କୃତି ରତ୍ନ କାର୍ତ୍ତିକ ପ୍ରସାଦ ବହିଦାର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ହେମନ୍ତ ଦୀପ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସାହିତ୍ୟକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତାପରେ ନମିତା ଦୀପ ଯାଦବ ଓ ପୋଲସ୍ତ୍ୟ ସାହାଙ୍କ ସଂଯୋଜନାରେ ମନୋଜ୍ଞ କବିତା ପାଠ ହୋଇଥିଲା । ଏଥିରେ ୬୯ଜଣ କବିତା ପାଠ କରିଥିଲେ। ଏହି ବର୍ଷ ହେମନ୍ତ ଦୀପ, ମନୋରଞ୍ଜନ ସାହୁ, ନମିତା ଦୀପ, ଯାଦବ କାହ୍ନୁ ଚରଣ ନାଥ, ବାଲମୁକୁନ୍ଦ ନିଆଲ, ଦୀପାଳି ମେହେର, ମନୋଜ ବାଗ, ବିକ୍ରମ ସାହୁ, ପଞ୍ଚାନନ ବିରତିଆ, ମନୋଜ କୁମାର ମାନିରା, ଲିପୁନ ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

ଦ୍ୱିତୀୟ ଅଧିବେଶନରେ ବିଧାୟିକା ବର୍ଷା ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହି ଅନୁଷ୍ଠାନରେ ଛୋଟ ସମୟରୁ କିପରି ଜଡିତ ଥିଲେ ତାହା ଆଲୋଚନା କରିଥିଲେ। ଶେଷରେ ଦୀପକ ଦାଶଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିନିକଂସ ସନୟ ମେହେର, ଶିବ ସୁନା, ଶୁଭମ ଘିବିଲାଙ୍କ ଅଭିନୟରେ ଦର୍ଶକ ଅଭିଭୂତ ହୋଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୪ ପ୍ରମୁଖ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି

■ ଫୁଲୁଛି ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ
■ ଲଗାଣ ବର୍ଷାରେ ଜୀବନଯାତ୍ରା ବାଧାପ୍ରାପ୍ତ

ରାଉରକେଲା, ୨।୮ (ବିପ୍ଳବ ରଞ୍ଜନ ଦାଶ)

ଲଗାଣ ବର୍ଷାରେ ରାଉରକେଲା ନିକଟସ୍ଥ ୪ ପ୍ରମୁଖ ଡ୍ୟାମ ମଧ୍ୟର ଜଳସ୍ତର ବୃଦ୍ଧି ପାଇଛି। ସେଥିମଧ୍ୟରୁ ୩ଟି ଡ୍ୟାମରୁ ଜଳ ନିଷ୍କାସନ ହେଉଥିବାବେଳେ ଗୋଟିଏ ଡ୍ୟାମରୁ ଜଳ ନିଷ୍କାସନ କରାଯାଇ ନାହିଁ। ଡ୍ୟାମରୁ ନିଷ୍କାସିତ ପାଣି, ବର୍ଷା ପାଣି ପ୍ରଭାବରେ ରାଉରକେଲା ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ, କୋଏଲ ଓ ଶଙ୍ଖନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସହରର ନଦୀକୂଳବର୍ତ୍ତୀ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଉରକେଲାରେ ଗତ ତିନିଦିନ ମଧ୍ୟରେ ୩୬ମି.ମି. ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି। ଜଳସେଚନ ବିଭାଗର ସୂଚନା ଅନୁସାରେ ରୁକ୍ରାଡ୍ୟାମ ଜଳସ୍ତର ୧୮୫.୦୨ ଘନମିଟର ଥିବାବେଳେ ଲଗାଣ ବର୍ଷା କାରଣରୁ ଡ୍ୟାମ ଜଳସ୍ତର ୧୮୬.୦୩କୁ ବୃଦ୍ଧି ପାଇଛି। ଫଳରେ ରୁକ୍ରାଡ୍ୟାମ ୬ଟି ଗେଟରୁ ଗୋଟିଏ ଗେଟ୍ ଖୋଲି ଦିଆଯାଇଛି। ରୁକ୍ରା ଡ୍ୟାମ ଖୋଲା ଯାଇଥିବା ଗେଟରୁ ପ୍ରତି ସେକେଣ୍ଡରେ ୮୦ ଘନମିଟର ଜଳ ନିଷ୍କାଷିତ ହୋଇ ବ୍ରାହ୍ମଣୀ ନଦୀରେ ମିଶୁଛି। ଏହିଭଳି ଭାବରେ ପୀତାମହଲ ଡ୍ୟାମ ଜଳଧାରଣ କ୍ଷମତା ୨୪୨.୪୬ ଥିବାବେଳେ ଲଗାଣ ବର୍ଷାରେ ଡ୍ୟାମର ଜଳସ୍ତର ୨୪୩.୪୬କୁ ବୃଦ୍ଧି ପାଇଛି। ଏହି ଡ୍ୟାମ ଗେଟ ବିହୀନ ଥିବା କାରଣରୁ ବଳକା ପାଣି ଡ୍ୟାମରୁ ନିଷ୍କାସିତ ହୋଇ ସିଧାସଳଖ ବ୍ରାହ୍ମଣୀ ନଦୀରେ ମିଶୁଛି। କାଂଶବାହାଲ ଡ୍ୟାମ ଜଳସ୍ତର ବୃଦ୍ଧି ପାଇଛି ହେଲେ ଜଳନିଷ୍କାସନ କଲାଭଳି ସ୍ଥିତି ସୃଷ୍ଟି ହୋଇନାହିଁ। ଏହିଭଳି ଭାବରେ ମନ୍ଦିରା ଡ୍ୟାମର ଜଳସ୍ତର ବୃଦ୍ଧି ହେବା ହେତୁ ମନ୍ଦିରା ଡ୍ୟାମର ୧୧ଟି ଗେଟରୁ ୭ଗେଟ ମଙ୍ଗଳବାର ଖୋଲି ଦିଆଯାଇଛି। ବୁଧବାର ଜଳସ୍ତର ବଢିଥିଲେ ମଧ୍ୟ ଆଉ ଅଧିକ ଗେଟ ଖୋଲାଯାଇନାହିଁ। ତେବେ ଆଗକୁ ଅଧିକ ଗେଟ ଖୋଲାଯିବାର ସମ୍ଭାବନା ରହିଛି। ରାଉରକେଲା ଅଞ୍ଚଳରେ ଜାରି ରହିଥିବା ଲଗାଣ ବର୍ଷା ହେତୁ ସ୍କୁଲ ଓ ଅଙ୍ଗନୱାଡିର କୁନି ପିଲାଙ୍କର ସମସ୍ୟାକୁ ଦେଖି ଏହି ଜିଲାରେ ମଧ୍ୟ ସ୍କୁଲ, ଅଙ୍ଗନୱାଡ଼ି ଛୁଟି ଘୋଷଣା କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ରାଉରକେଲା ଜଳସେଚନ ବିଭାଜନ ରୁକ୍ରା ଡ୍ୟାମର ନିର୍ବାହୀ ଯନ୍ତ୍ରୀ ଔଲିୟମ ଏକ୍କା କୁହନ୍ତି, ଲଗାଣ ବର୍ଷାରେ ରୁକ୍ରା ଡ୍ୟାମର ଜଳସ୍ତରରେ ବୃଦ୍ଧି ଘଟିଛି। ଲଗାଣ ବର୍ଷା ଜାରି ରହିଲେ ଆଗକୁ ଆହୁରି ଗେଟ ଖୋଲାଯିବ। ଏନେଇ କାଂଶବାହାଲ ଡ୍ୟାମ ନିର୍ବାହୀ ଯନ୍ତ୍ରୀ କିଷାନ ବାବୁ କୁହନ୍ତି, ତିନିଦିନ ହେଲା ଲଗାଣ ବର୍ଷାରେ ଡ୍ୟାମ ଜଳସ୍ତର ବୃଦ୍ଧି ପାଇଛି। ଗେଟ ଖୋଲାଯାଇନାହିଁ। ଆଗକୁ ଗେଟ ଖୋଲାଯାଇପାରେ।


ରୁକ୍ରା ଡ୍ୟାମ୍ ଗେଟରୁ ନିଷ୍କାସିତ ହେଉଥିବା ପାଣି।

## ସଂକ୍ଷେପରେ

### ମନ୍ଦିର ଗୁଡ଼ିକର ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉ

ରାଉରକେଲା, ୨।୮ (ସଙ୍ଗୀତା ଜେନା)

୨ ଦିନ ପୂର୍ବେ ରାଉରକେଲା ସାରନଗରୀସ୍ଥିତ ନବକୃଷ୍ଣ ନଗର ଆଖଣ୍ଡଳମଣୀ ମନ୍ଦିରରେ ଚୋରି ହୋଇଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ଓଡ଼ିଶା ସମାରସତା ବିଭାଗ ମୁଖ୍ୟ ଶାନ୍ତନୁ କୁସୁମ। ଏହା ସହ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରିବା ସହ ମନ୍ଦିରଗୁଡ଼ିକର ସୁରକ୍ଷାକୁ ପ୍ରାଧାନ୍ୟତା ପୋଲିସ ପ୍ରଶାସନ ଦେଉ ବୋଲି ଦାବି କରିଛନ୍ତି। ନିୟମିତ ବ୍ୟବଧାନରେ ଧାର୍ମିକ ସ୍ଥଳଗୁଡ଼ିକରୁ ଚୋରି ହେବା ଘଟଣା ନିଶ୍ଚିତ ଭାବେ ଚିନ୍ତାଜନକ। ଏକ ସୁସ୍ଥ ସମାଜ ଗଠନ ଦିଗରେ ମନ୍ଦିରର ଆବଶ୍ୟକତା ଓ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ରାଉରକେଲା ପ୍ରମୁଖ ମନ୍ଦିରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହିତ ଧର୍ମାନୁଷ୍ଠାନର ସୁରକ୍ଷା ନିମିତ୍ତ ସମ୍ବେଦନଶୀଳ ହେବାକୁ ଭିଏଚପି ନେତା କୁସୁମ ପୋଲିସ ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ

ରାଉରକେଲା, ୨।୮ (ବିପ୍ଳବ ରଞ୍ଜନ ଦାଶ)

ବୁଧବାର ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଉପଶାସ୍ତ୍ରୀ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସଂସ୍କୃତ ସଙ୍ଗୀତ ଓ ବୈଦିକ ମନ୍ତ୍ରଦ୍ୱାରା ସ୍ୱାଗତ କରାଯାଇଛି। ଏଥିସହ ନବାଗତଙ୍କୁ ଚନ୍ଦନ, ଅକ୍ଷତ ଏବଂ ତିଳକ ଦ୍ୱାରା ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକ ଉନ୍ନୟନ ଅଧିକାରୀ ମନସ୍ୱିନୀ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନ୍ଦର ଭବିଷ୍ୟତ ଗଠନ ନିମନ୍ତେ ଉପଦେଶ ପ୍ରଦାନ କରିଥିଲେ। ସଭାପତି ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଉମାକାନ୍ତ ପଣ୍ଡା ବୈଦିକ ବିଷାରଦ ହୋଇ ସମାଜରେ ପ୍ରତିଷ୍ଠିତ ହେବା ପାଇଁ ନବାଗତମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ସମ୍ମାନିତ ଅତିଥି ସମାଜସେବୀ ରବିନ୍ଦ୍ର କୁମାର ପ୍ରଧାନ, ଡାକ୍ତର ପରମେଶ୍ୱର ଶତପଥି, ଡା.କେଦାରନାଥ ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ୟାମା ବାଳା ଦାଶ, ଉଦ୍ଧବ ପ୍ରଧାନ, ଅଧ୍ୟାପକ ଚନ୍ଦ୍ରଚୂଡ ମାଝୀ, ଡା କାଳିକିଙ୍କର ପଣ୍ଡା, ସନ୍ତୋଷ ଲେଙ୍କା ସ୍ୱାଗତ ସମାରୋହରେ ସମ୍ମିଳିତ ହୋଇ ସ୍ୱାଗତ ଉତ୍ସବକୁ ସଫଳ କରିଥିଲେ। ଶେଷରେ ଖୁସି ରାୟ, ରେଶମା ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏଡିଏମ୍‌ଙ୍କୁ ଭେଟିଲା ରାଉରକେଲା ବଣିକ ସଂଘ

ରାଉରକେଲା, ୨।୮ (ସଙ୍ଗୀତା ଜେନା)

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ (ରାଉରକେଲା ବଣିକ ସଂଘ) ପକ୍ଷରୁ ବୁଧବାର ରାଉରକେଲା ଏଡ଼ିଏମ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଜମି ସଂକ୍ରାନ୍ତରେ ଆଲୋଚନା କରାଯାଇଛି।


କୋଏଲବସ୍ତିରେ ପାଣି ପଶିଛି।


ବାଲୁଘାଟ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ।

# ବାଲୁଘାଟ ଅଞ୍ଚଳରେ ଜଳସ୍ତର ବୃଦ୍ଧି, ସେକ୍ଟର-୨୦ ବସ୍ତିରେ ପଶିଲା ପାଣି

ରାଉରକେଲା, ୨।୮ (ସଙ୍ଗୀତା ଜେନା)

ରାଉରକେଲାରେ ପ୍ରବଳବର୍ଷା ଓ ପବନ ଜାରି ରହିଛି। ବ୍ରାହ୍ମଣୀ, କୋଏଲ ନଦୀ ଆଦିରେ ଜଳସ୍ତର ବୃଦ୍ଧି ପାଇଛି। ବାଲୁଘାଟ ଅଞ୍ଚଳରେ ସକାଳ ସୁଦ୍ଧା ଜଳସ୍ତର ବଢ଼ିବା ଯୋଗୁ ପଲପଲ ବସ୍ତି ସମେତ ଅନ୍ୟ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ହେବାର ସମ୍ଭାବନା ଦେଖାଯାଇଛି। ସେହିପରି ଶିଳ୍ପାଞ୍ଚଳସ୍ଥିତ ସେକ୍ଟର-୨୦ ଇଣ୍ଟର କୋଏଲ ବସ୍ତି, ପମ୍ପ ହାଉସ ବସ୍ତି ଅଞ୍ଚଳରେ ଅନେକ ଲୋକଙ୍କ ଘରେ ପାଣି ପଶି ଯାଇଥିବା ସୂଚନା ମିଳିଛି। ଏହାର ସୂଚନା ପାଇ ପ୍ରାକ୍ତନ ରଘୁନାଥପାଲ୍ଲୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଓ ଅନ୍ୟମାନେ ପମ୍ପହାଉସ ବସ୍ତିରେ ପହଞ୍ଚିଥିଲେ। ତୁରନ୍ତ ଆରଏସ୍‌ପି ସହରସେବା ବିଭାଗକୁ ଯୋଗାଯୋଗ କରାଯାଇଥିଲା। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଥିଲା।

# କୋଶଳ ଜନତା ଦଳ ପକ୍ଷରୁ ସ୍ମାରକପତ୍ର

ରାଉରକେଲାକୁ ଶୀତକାଳୀନ ରାଜଧାନୀର ମାନ୍ୟତା ପ୍ରଦାନ ଦାବି

ରାଉରକେଲା, ୨।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ମାଧ୍ୟମରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ କୋଶଳ ଜନତା ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦଳ ପକ୍ଷରୁ ରାଉରକେଲାକୁ ରାଜ୍ୟର ଶୀତକାଳୀନ ରାଜଧାନୀର ମାନ୍ୟତା ଦେଇ,ଏଠାରେ ବିଧାନସଭାର ଗୋଟିଏ ଅଧିବେସନ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିବା ଉଲ୍ଲେଖ କରିଛନ୍ତି। ବିଧାନସଭାରେ ଆଇନ ପ୍ରଣୟଣ ସହିତ ରାଜ୍ୟର ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଆଲୋଚନା ହୁଏ। ଏଣୁ ଆଇନ ପ୍ରଣୟନକାରୀ ଲୋକଙ୍କ ସମୀପବର୍ତ୍ତୀ କରିବା ଜନମଙ୍ଗଳକାରୀ ସରକାରଙ୍କର ଦାୟିତ୍ୱ। ସବୁଜିମା ଭରା ସହର ରାଉରକେଲା ଶୀତକାଳୀନ ପରିବେଶ ପାଇଁ ମନୋରମ। ଏଣୁ ଏଠାରେ ବିଧାନସଭାର ଶୀତକାଳୀନ ଏକ ଅଧିବେଶନ ବା ବିଧାନ ମନ୍ଦିର ସ୍ଥାପନ କରିବାର ଯଥାର୍ଥତା ରହିଛି ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ବୁଧବାର ସ୍ମାରକପତ୍ର ପ୍ରଦାନ ବେଳେ କୋସଳ ଜନତା ଦଳର ମିଡିଆ ପ୍ରଭାରୀ ସ୍ୱରୁପ ମିଶ୍ରଙ୍କର ନେତୃତ୍ୱରେ ଦଳର କାର୍ଯ୍ୟକାରୀ ସଭାପତି ସନତ କୁମାର ପ୍ରଧାନ, ଉପସଭାପତି ରାକେଶ କୁମାର ସିଂ, ସାଧାରଣ ସମ୍ପାଦକ ଚକ୍ରାନ୍ତ ଜେନା, କୋଷାଧ୍ୟକ୍ଷ ଲଲାଟେନ୍ଦୁ ଚୌଧୁରୀ, ମୁଖପାତ୍ର ଡା. ସୁରମା ମିଶ୍ର ସମ୍ମିଳିତ ରହିଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# କୌଶଲ୍ୟା ବିହାର ବସ୍ତିରେ ବିପର୍ଯ୍ୟସ୍ତ ରାସ୍ତା, ସ୍ୱିରେଜ ଅବ୍ୟବସ୍ଥା

ରାଉରକେଲା, ୨।୮ (ବିପ୍ଳବରଞ୍ଜନ ଦାଶ)

ରାଉରକେଲା ୪ନଂ. ୱାର୍ଡ ଛେଣ୍ଡଠାରେ ରହିଛି କୌଶଲ୍ୟା ବିହାର ବସ୍ତି। ବସ୍ତି ଜନସଂଖ୍ୟା ୫ଶହରୁ ଅଧିକ। ମାତ୍ର ଏହି ବସ୍ତିରେ ଏପର୍ଯ୍ୟନ୍ତ ବିକାଶର ପାଦଚିହ୍ନ ପଡ଼ିପାରି ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍ତିର ମଳୟ ଆଚାର୍ଯ୍ୟଙ୍କ ଅଭିଯୋଗ ମୁତବାକ ସହରର ଚାରିଆଡେ ସ୍ୱରେଜ ସିଷ୍ଟମ ମାଧ୍ୟମରେ ପରିତ୍ୟକ୍ତ ଅଳିଆ ଏବଂ ପ୍ରଦୂଷିତ ପାଣି ନିଷ୍କାଷନ ବ୍ୟବସ୍ଥା ଥିବାବେଳେ ବସ୍ତିରେ ଏପର୍ଯ୍ୟନ୍ତ ସ୍ୱରେଜ ସିଷ୍ଟମ ବ୍ୟବସ୍ଥା ହୋଇପାରିନାହିଁ। ଏତଦ୍ ବ୍ୟତୀତ ବସ୍ତିର ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିବାବେଳେ ଦୀର୍ଘ ବର୍ଷ ହେଲା ରାସ୍ତାର ମରାମତି ହେଉନାହିଁ। ଏନେଇ ବସ୍ତିବାସିନ୍ଦା ବାରମ୍ବାର ଆର୍‌ଏମ୍‌ସିରେ ଅଭିଯୋଗ କରୁଥିଲେ ସୁଦ୍ଧା ଆର୍‌ଏମ୍‌ସି ପକ୍ଷରୁ କୌଣସି ପ୍ରକାର ବିହିତ ପଦକ୍ଷେପ ଗ୍ରହଣ ହେଉ ନ ଥିବା ଦର୍ଶାଇଛନ୍ତି। ବର୍ଷା ସମୟରେ ରାସ୍ତା ବର୍ଷା ପାଣିରେ ଉବୁଟୁବୁ ହେଉଥିବାବେଳେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ତେବେ ତୁରନ୍ତ ବସ୍ତିର ସ୍ୱିରେଜ ସିଷ୍ଟମ ଏବଂ ରାସ୍ତା ନିର୍ମାଣ ନ ହେଲେ ଆଗକୁ ବସ୍ତିବାସିନ୍ଦା ଆର୍‌ଏମ୍‌ସି ଅଫିସ ଆଗରେ ଧାରଣା ଦେବାକୁ ବାଧ ହେବେ ବୋଲି ବସ୍ତିର ମଳୟ ଆଚାର୍ଯ୍ୟଙ୍କ ସମେତ ଅନ୍ତର୍ଯ୍ୟାମୀ ଓଝା, ଅଜିତ ନନ୍ଦ, ସୁଜିତ ତ୍ରିପାଠୀ, ନମିତା ଆଚାର୍ଯ୍ୟ, ପ୍ରଣତି ନନ୍ଦ, ରୋଜାଲିନ ରାଉତ, ଦେବୀ ରଥ ପ୍ରମୁଖ ଉଲ୍ଲେଖ କରିଛନ୍ତି। ଏନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ଜଣାଇବାରୁ ସେ ତୁରନ୍ତ ରାସ୍ତା ଓ ସ୍ୱିରେଜରେ ନିୟୋଜିତ ଅଧିକାରୀଙ୍କୁ ଇଷ୍ଟିମେଟ ପ୍ରସ୍ତୁତକରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।


କୌଶଲ୍ୟା ବିହାରର ବିପର୍ଯ୍ୟସ୍ତ ରାସ୍ତା।

# ଏଫ୍‌ସିଆଇରେ ଚାଉଳ ଗାଡ଼ି ତନଖି କଲେ ପୋଲିସ

ରାଉରକେଲା, ୨।୮ (ସଙ୍ଗୀତା ଜେନା)

ବୁଧବାର ପୂର୍ବାହ୍ନରେ ରାଉରକେଲା ଏଫ୍‌ସିଆଇ ଗୋଦାମରେ ପିଡ଼ିଏସ୍ ଚାଉଳ ଗାଡ଼ିପୋଲିସ ଯାଞ୍ଚ କରିଥିଲା। ଅନିୟମିତତା ନେଇ ରଘୁନାଥପାଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲା। ପିଡ଼ିଏସ୍ ଟ୍ରକର ଚାଲାଣ ଆଦି ଯାଞ୍ଚ କରିଥିଲା ପୋଲିସ। ହେଲେ ଏଥିରେ ପରମିଟ୍ ଓ ଟ୍ରକର ଫିଟନେସ ନ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରଘୁନାଥପାଲ୍ଲୀ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନଯୋଗ୍ୟ, ଜଗଦା ଅଞ୍ଚଳରେ ଜଣେ ଯୋଗାଣ ଠିକାଦାର ପିଡ଼ିଏସ ଚାଉଳର ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗ କରାଯାଇଥିଲା ଉକ୍ତ ଥାନାରେ।ଏଫସିଆଇରେ ଟ୍ରକ ଚାଉଳ ନେଉଥିବାରେ ଅନିୟମିତତା ସନ୍ଦେହ କରି ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲା।

# ବିଜ୍ଞାନ ଗବେଷଣା କେନ୍ଦ୍ର ନିର୍ମାଣ ଶେଷ ପର୍ଯ୍ୟାୟରେ

ଲାଭାନ୍ୱିତ ହେବେ ବିଦ୍ୟାର୍ଥୀ

ରାଉରକେଲା, ୨।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହର ଛେଣ୍ଡରେ ଚାଲିଛି ୧୦ କୋଟି ଟଙ୍କା ବ୍ୟୟବରାଦରେ ବିଜ୍ଞାନ ଗବେଷଣା କେନ୍ଦ୍ର ଓ ପାର୍କ। ଏହି ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଏବଂ ବିଦ୍ୟାର୍ଥିମାନଙ୍କ ବିଜ୍ଞାନ ଜନିତ ଅଧିକ ଜ୍ଞାନ ବିକାଶ ନିମନ୍ତେ ନିର୍ମାଣ ହେଉଛି। ସ୍ମାର୍ଟସିଟି ପ୍ରୋଜେକ୍ଟ ଅନୁସାରେ ଆର୍‌ଏମ୍‌ସି ତତ୍ତ୍ୱାବଧାନରେ ଛେଣ୍ଡର ୫ଏକର ଜମିରେ ପ୍ରକଳ୍ପ ନିର୍ମାଣ ଚାଲିଥିବାବେଳେ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ରାଉରକେଲା ବିଜ୍ଞାନ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ସମ୍ପାଦିତ ହେଉଛି। ନିର୍ମାଣାଧିନ ବିଜ୍ଞାନ ଭିତ୍ତିକ ପ୍ରକଳ୍ପରେ ଆକର୍ଷଣୀୟ ବିଜ୍ଞାନ ଭିତ୍ତିକବସ୍ତୁ ସହ ଖେଳକୁଦ ସାମଗ୍ରୀ, ଜୀବଜନ୍ତୁ ଓ ପଶୁପକ୍ଷୀଙ୍କ ଷ୍ଟାଚ୍ୟୁ ସହିତ ବିଜ୍ଞାନ ବିଷୟିକ ଗବେଷଣା ଜନିତ ସମସ୍ତ ତଥ୍ୟ ଗଚ୍ଛିତ କେନ୍ଦ୍ର ମଧ୍ୟ ନିର୍ମାଣ ହୋଇସାରିଛି। ବ୍ୟୟବରାଦର ୯୦ପ୍ରତିଶତ ଅର୍ଥ ଇତିମଧ୍ୟରେ ଖର୍ଚ୍ଚ ହୋଇସାରିଛି। ଏଥିସହ ଫୁଡପାର୍କର ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ଚାଲିବା ପାଇଁ ଟାଇଲିସର ବ୍ୟବସ୍ଥା, ସୁନ୍ଦର ସୁନ୍ଦର ବୃକ୍ଷ, ସ୍ମାର୍ଟ ପୋଖରୀ କାର୍ଯ୍ୟ ବି ହୋଇସାରିଛି। ବିଜ୍ଞାନ ବିଦ୍ୟାର୍ଥିମାନେ ପ୍ରତିଷ୍ଠାନ ଉଦ୍‌ଘାଟନକୁ ନେଇ ବେଶ୍ ଉତ୍ସାହିତ ହେଉଛନ୍ତି। ଆରଏମସି କମିଶନର ଡ. ଶୁଭଙ୍କର ମହାପାତ୍ର ଏହା ନିରୀକ୍ଷଣ କରିବାକୁ ଆସିଥିଲେ। ନୂତନ ବିଜ୍ଞାନ ଗବେଷଣା କେନ୍ଦ୍ର ମାଧ୍ୟମରେ ରାଉରକେଲା ସହର ସମେତ ବିଭିନ୍ନ ପ୍ରାନ୍ତରରୁ ଏଠାକୁ ପରିଭ୍ରମଣରେ ଆସୁଥିବା ଲକ୍ଷାଧିକ ବିଜ୍ଞାନ ବିଦ୍ୟାର୍ଥିଙ୍କ ପାଇଁ ଏହା ବେଶ ଲାଭଦାୟକ ହେବ। ଏହା ସହିତ ସହରର ସୌନ୍ଦର୍ଯ୍ୟତାକୁ ମଧ୍ୟ ବୃଦ୍ଧି କରିବ ବୋଲି ସହରର ଶିକ୍ଷିତ ଯୁବବର୍ଗ ମହଲରେ କୁହାଯାଉଛି। ଆରଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ପ୍ରତିଷ୍ଠାନର ୯୯ଭାଗ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। କିଛି ପାରିପାର୍ଶ୍ୱିକ କାମ ଅଛି, ଯାହା ଖୁବଶିଘ୍ର ସମ୍ପୂର୍ଣ୍ଣ ହେବା ନବ ନିର୍ମିତ ବିଜ୍ଞାନ ପ୍ରକଳ୍ପ ବିଜ୍ଞାନ ବିଷୟିକ ଜିଜ୍ଞାସୁମାନଙ୍କର ପାଇଁ ବେଶ୍ ଜ୍ଞାନଦାୟୀ ସାବ୍ୟସ୍ତ ହେବ ବୋଲି କହିଥିଲେ।


ବିଜ୍ଞାନ ପାର୍କରେ ସମ୍ପୂର୍ଣ୍ଣ ହୋଇ ସାରିଥିବା ଆକର୍ଷଣୀୟ ପୋଖରୀ।

# ଯୁବକଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

ସଚେତନତା ଓ ଆଧ୍ୟାତ୍ମିକତାର ରହୁଛି ଅଭାବ

ରାଉରକେଲା, ୨।୮ (ସଙ୍ଗୀତା ଜେନା)



ମନୋବିଜ୍ଞାନ ବିଶେଷଜ୍ଞ କଲ୍ୟାଣୀ ମିଶ୍ର ଓ ଆଇନଜୀବୀ କୈଳାସ ପ୍ରଧାନ।

କିଶୋର, ଯୁବକମାନଙ୍କ ମଧ୍ୟରେ ଦିନକୁ ଦିନ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ରାଉରକେଲାରେ ଏହାର ସଂଖ୍ୟା ବୃଦ୍ଧି ଚିନ୍ତାର ବିଷୟ ହୋଇଛି। ସ୍ମାର୍ଟ ସିଟିରେ ଆଧୁନିକ ପ୍ରଯୁକ୍ତି ଓ ବିଜ୍ଞାନର ବିକାଶ ହୋଇଛି। ହେଲେ ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ସାମାଜିକ ସ୍ଖଳନ ପରିଲକ୍ଷିତ ହୋଇଛି। ରାଉରକେଲା ପୋଲିସ ଜିଲା ପ୍ରଦତ୍ତ ରିପୋର୍ଟ ଅନୁଯାୟୀ, ୨୦୨୨ ମସିହା ଜାନୁଆରୀରୁ ଡ଼ିସେମ୍ବର ମଧ୍ୟରେ ବିଭିନ୍ନ ଅଞ୍ଚଳରେ ବିଷପିଇ ୫୪ ଜଣ, ୩ ଜଣ ନିଆଁରେ ପୋଡ଼ି ହୋଇ, ଫାଶୀଦେଇ ୧୫୬ ଜଣ ମୃତ୍ୟୁକୁ ଆଦରି ନେଇଥିଲେ। ପୋଲିସ ଜିଲାର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲାରେ ଏହିପରି ପରିସଂଖ୍ୟାନ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ୨୦୨୩ ଜାନୁଆରୀରୁ ଜୁନ ପର୍ଯ୍ୟନ୍ତ ଅପମୃତ୍ୟୁ ସଂଖ୍ୟା ୩୫୪ ରହିଛି। ପ୍ରତିଷ୍ଠିତ ସ୍କୁଲରେ ଛାତ୍ରୀଛାତ୍ର ପରୀକ୍ଷାଫଳରେ ଅକୃତ କାର୍ଯ୍ୟ ହୋଇ ଆତ୍ମହତ୍ୟା କରୁଛନ୍ତି। ଏହା ସହ ସହରର ଜଣେ ପ୍ରତିଷ୍ଠିତ ଆଇନଜୀବୀ ତଥା ରାଉରକେଲା ଓକିଲ ସଂଘର ପୂର୍ବତନ ସଭାପତି ରମେଶ ବଳଙ୍କ ଆତ୍ମହତ୍ୟା ଏକ ଜ୍ୱଳନ୍ତ ଉଦାହରଣ। ରାଉରକେଲା ସହର ବ୍ୟତୀତ, ପାର୍ଶ୍ୱାଞ୍ଚଳରୁ ମଧ୍ୟ ଏହି ଭଳି ଆତ୍ମହତ୍ୟାର ଅଭିଯୋଗ ଆସୁଛି। ଏ ସମ୍ପର୍କରେ ରାଉରକେଲା କୋର୍ଟର ସହକାରୀ ସରକାରୀ ଆଇନଜୀବୀ କୈଳାଶ ଚନ୍ଦ୍ର ପ୍ରଧାନ କହିଲେ, ଯୌତୁକ ନିର୍ଯାତନା, ପ୍ରେମ ସମ୍ପର୍କିତ କାରଣ, ଅଧିକ ପାଇବାର ଆଶା ଯାହାକି ଚରିତାର୍ଥ ନ ହେବା ଆଦିକୁ ମୁଖ୍ୟ କାରଣ ଭାବେ ଧରି ନିଆଯାଇପାରେ। ଅବସାଦ ବୃଦ୍ଧି ସାଙ୍ଗକୁ ପାରିବାରିକ ଓ ସାମାଜିକ ଚାପ ଆତ୍ମହତ୍ୟାର ରାସ୍ତା ଖୋଲି ଦେଉଛି। ପୂର୍ବରୁ ଲୋକେ ଯୌଥ ପରିବାରରେ ଜୀବନଯାପନ କରୁଥିଲେ। ଅବସାଦ ଓ ମାନସିକ ଅଶାନ୍ତି ହେଲେ ମଧ୍ୟ ପରିବାର ଲୋକ ଏହାକୁ ସମାଧାନ କରୁଥିଲେ। ପରେ ଏକକ ପରିବାରରେ ଏହା ସମ୍ଭବ ହେଲା ନାହିଁ। ଫଳରେ ଲୋକେ ଏକଲା ଅନୁଭବ କରି ମୃତ୍ୟୁର ରାସ୍ତା ବାଛି ନେଉଛନ୍ତି। ତେବେ ଏହି ଅବସାଦର କାରଣ ଅନ୍ୱେଷଣ ଓ ଏହାର ନିରାକରଣ କରିବା ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ଆଇନଜୀବୀ ପ୍ରଧାନ କହିଥିଲେ। ସେହିପରି ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରାଉରକେଲାର ହ୍ୟୁମାନିଟିଜ ଏଣ୍ଡ ସୋଶିଆଲ ସାଇନ୍ସର ଅତିଥି ଅଧ୍ୟାପିକା, ଛାତ୍ର ପରାମର୍ଶଦାତ୍ରୀ ତଥା ରାଉରକେଲା କଲେଜର ମନସ୍ତତ୍ତ୍ୱବିଭାଗର ପ୍ରାକ୍ତନ ଶିକ୍ଷାବିତ୍ ଡ. କଲ୍ୟାଣୀ ମିଶ୍ର କହିଲେ, ବହୁ କାରଣର ସମାହାର ହିଁ ଆତ୍ମହତ୍ୟା ପନ୍ଥା ବାହାର କରିଥାଏ। ଶିକ୍ଷାର୍ଥୀମାନଙ୍କ କ୍ଷେତ୍ରରେ ପାଠପଢ଼ାରେ ଅସଫଳତା, ଅଭିଭାବକଙ୍କ ଚାପ, ପ୍ରେମ ବ୍ୟାପାର, ସୌନ୍ଦର୍ଯ୍ୟତାକୁ ନେଇ ହୀନମନ୍ୟତା ଅବସାଦର କାରଣ ହୋଇଥାଏ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ପ୍ରତିଭା ଲୁକ୍କାୟିତ ହୋଇଯାଇଥାଏ। କ୍ରମଶଃ ଏହା ମୃତ୍ୟୁର କାରଣ ସାଜିଥାଏ। ଅନେକ କ୍ଷେତ୍ରରେ ସଙ୍ଗହୀନତା ଓ ପରିବାର ପକ୍ଷରୁ ସମାନତା ରହୁନି। ସନ୍ତାନମାନଙ୍କୁ ମନୋବଳ ବଢ଼ାଇବା ଓ ତାଙ୍କ ଉପସ୍ଥିତିକୁ ପ୍ରାଧାନ୍ୟତା ଦିଆଯାଉନାହିଁ। କାର୍ଯ୍ୟକ୍ଷେତ୍ରରେ ଅହଂ ମନୋଭାବ, ପାତରଅନ୍ତର, ସ୍ୱାମୀସ୍ତ୍ରୀ ମଧ୍ୟରେ ମନୋମାଳିନ୍ୟ, ସୋସିଆଲ ମିଡ଼ିଆର ନକାରତ୍ମକ ପ୍ରଭାବ, ବୁଝାମଣାର ଅଭାବ ରହୁଛି। ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ସାମାଜିକ ସ୍ତରରେ ପ୍ରୟାସ ହେବା ଜରୁରୀ। ଆଧ୍ୟାତ୍ମିକତା ପନ୍ଥାର ସାହାରା ନେବା ସହ ସଚେତନତା, ପରାମର୍ଶ ମଧ୍ୟ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ସନ୍ତାନ କିମ୍ବା ପରିବାର ସଦସ୍ୟମାନଙ୍କୁ ଏହିଭଳି ଅବସାଦ ଲକ୍ଷଣ ଦେଖାଦେଲେ ତାଙ୍କୁ ଏକୁଟିଆ ନ ଛାଡ଼ି ପ୍ରାଧାନ୍ୟତାକୁ ପ୍ରାଥମିକତା ଓ ଇଚ୍ଛାକୁ ସମ୍ମାନ ଦେବା ଉଚିତ ହେବ। ସୁତରାଂ ଆତ୍ମହତ୍ୟାର ମୁଖ୍ୟ କାରଣ 'ଅବସାଦ'ର କାରଣକୁ ଖୋଜି ବାହାର କରି ଏହାର ନିରାକରଣ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ମିଶ୍ର କହିଥିଲେ।

## ଘର ବାରଣ୍ଡାରୁ ବାଇକ୍ ଚୋରି

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଛାରପାଲି ଗାଁରୁ ସୋମବାର ବିଳମ୍ବିତ ରାତିରେ ଜନୈକ ବ୍ୟକ୍ତିଙ୍କ ଘର ବାରଣ୍ଡାରୁ ପଲସର ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗାଡି ମାଲିକ ଭୋଳାନାଥ ସାହୁଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରାଯାଉଥିବା ଥାନାଧିକାରୀ ତାରାବତୀ ପ୍ରଧାନ କହିଛନ୍ତି ।

## ସଂକ୍ଷେପରେ

### ଗୋଟିଏ ରାତିରେ ୫ ଦୋକାନରୁ ଚୋରି

ଖପ୍ରାଖୋଲ, ୨।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଛି। ୫ଟି ଦୋକାନ ଘର କବାଟ ଲକକାଟି ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ମତେ ଖପ୍ରାଖୋଲ ଥାନାରୁ ୩୦ ମିଟର ଦୂରର ଉମାକାନ୍ତ ମେହେରଙ୍କ ମୋବାଇଲ ଦୋକାନ କବାଟକୁ ଲୁହା କଟରରେ କାଟି ଅଢେଇ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରୋହିତ ଶଗଡ଼ିଆଙ୍କ ଲୁହା ୱେଲଡୀଙ୍ଗ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଖପ୍ରାଖୋଲରୁ ୪ କିମି ଦୂର କପସିପାଲି ଗ୍ରାମର ହୃଷୀକେଶ ଛତରଙ୍କ ମୋବାଇଲ ଦୋକାନ ଓ ଗଣେଶ ସାହୁଙ୍କ କିରାନ ଦୋକାନରୁ ହଜାର ହଜାର ଟଙ୍କା ର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଖପ୍ରାଖୋଲର ଅନ୍ୟ ଏକ ଦୋକାନ କବାଟ ତାଲା ଭଙ୍ଗା ଯାଇଥିଲେ ବି ଥାନାରେ ଅଭିଯୋଗ ହୋଇନଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ୪ଟି ମାମଲା ରୁଜୁ କରି ପୋଲିସ ଘଟଣାକୁ ଗୁରୁତର ସହ ନେଇ ତନାଘନା ଚଳାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

### ବେଆଇନ ବିଦେଶୀ ମଦ ବିକ୍ରି, ଅବକାରୀ ଚଢ଼ାଉ

ଭବାନୀପାଟଣା,୨।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଳକର ବିଭିନ୍ନ ଗ୍ରାମାଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ଚାଲିଛି। ଲାଞ୍ଜିଗଡ଼ ବ୍ଲକଠାରେ ଗୋଟିଏ ଲାଇସେନ୍ସ ପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନ ଥିବାବେଳେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ୫ କି.ମି. ଦୂର ରାୟଗଡା ଜିଲା ଅମ୍ବାଦୋଳାଠାରେ ଆଉଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲାଯାଇଛି। କିନ୍ତୁ ଏହି ଦୁଇଟି ଦୋକାନଠାରେ ଧାର୍ଯ୍ୟଠାରୁ ଚଢା ଦରରେ ବିକ୍ରି କରିବା ଧାର୍ଯ୍ୟ ଦରରେ ମଦ ମାଗିଲେ ଦାଦାଗିରି କରିବା ଓ ବିଲ ମାଗିଲେ ବିଲ ନ ଦେଇ ଧମକ ଦେବା ଏବଂ ବିଭିନ୍ନ ଗ୍ରାମାଞ୍ଚଳରେ ବେଆଇନ ଭାବେ ବିଦେଶୀ ମଦ କୁଟିଆ ବୃଦ୍ଧି କରୁଥିବା ଜିଲାପାଳଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଭବାନୀପାଟଣା ଅବକାରୀ ବିଭାଗ ଓ ନର୍ଲା ଅବକାରୀ ଥାନା ପକ୍ଷରୁ ବିଶ୍ୱନାଥପୁର ଓ ଧଅଁରାଭଟା ଓ ଡୁମେରମୁଣ୍ଡା ଏହି ଗାଁକୁ ଯାଇ ତିନି ଜଣଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ବିଅର, ରମ ଜବତ କରିଛି ଅବକାରୀ ବିଭାଗ। ବିଅର ଓ ରମ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରି ମୋବାଇଲ ୟୁନିଟ କେସ ନମ୍ବର ୪୧/୨୩-୨୪,୧୩୭/୨୩-୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

### ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା,୨।୮(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢାରଜା ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ଠାକୁରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ଭାବେ କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିତା ନେତମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝି, ଲଡୁଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ଅବସରପ୍ରାପ୍ତ ପ୍ରଫେସର ସୀମାଞ୍ଚଳ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ମୁଣ୍ଡ, ଶିକ୍ଷକ ମନୋଜ କୁମାର ମୁଣ୍ଡ, ଚିତ୍ତରଞ୍ଜନ ମହାନ୍ତି, ସ୍କୁଲ ପରିଚାଳନା କମିଟି ଅଧକ୍ଷା ଦେବକୀ ରାଉତ, ବୈଷ୍ଣବ ମୁଣ୍ଡ, ସୁଧାମୟୀ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଠାକୁରଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ଖେଳ ଶିକ୍ଷକ ଲୋକନାଥ ରାଉତ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱମ୍ବର ଧଙ୍ଗଡାମାଝି, ସରୋଜ କୁମାର ତାଣ୍ଡି, ଅମୂଲ୍ୟ କୁମାର ନାଏକ, ମନ୍ଦାକିନୀ ନାଏକ, କର୍ମଚାରୀ ଗୋପ ନାଏକ, ନନ୍ଦ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଲଘୁଚାପଜନିତ ବର୍ଷାରେ ଭାଙ୍ଗିଲା ୩ଜଣଙ୍କ ଘର

ଖଡ଼ିଆଳ, ୨।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲାରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଖଡ଼ିଆଳ ବ୍ଲକରେ ଗତ ଦୁଇ ଦିନ ହେଲା ବର୍ଷା ହେବା ଦ୍ୱାରା ଜନଜୀବନ ଅସ୍ତ ବ୍ୟସ୍ତ ହୋଇପଡିଛି। ବର୍ଷା ଯୋଗୁ ଖଡ଼ିଆଳ ବ୍ଲକ ଡିଖାଲି ଗ୍ରାମର ଏକଲବ୍ୟ ବେହେରା ଓ ଦୁତିଆ ବେହେରାଙ୍କ ଘର ଭାଙ୍ଗିଯାଇଛି। ୨ଜଣ ଗରିବ ପରିବାର ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ ସାମିଲ ହୋଇ ପାରିନାହାନ୍ତି । ଏକଲବ୍ୟ ବେହେରାଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଚାୟତ ଲିଷ୍ଟରେ ସ୍ଥାନିତ ଥିବା ବେଳେ ଦୁତିଆ ବେହେରାଙ୍କ ଆବାସ ଯୋଜନାରେ ଲିଷ୍ଟ ନ ଥିବା ଜଣାପଡିଛି।



ଭଙ୍ଗା ଘର ସମ୍ମୁଖରେ ଝିଟ୍ରିଢୋଡା ଗାଁର ତାରେଶ୍ୱର ଭୋଇଙ୍କ ପରିବାର।

ଘର ଭାଙ୍ଗିବା ଖବର ପାଇ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଡିଖାଲି ଗ୍ରାମକୁ ଯାଇ ପରିବାର ସହିତ ଆଲୋଚନା କରିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ୨ ପରିବାରଙ୍କୁ ୨ଟି ପଲିଥିନ ବ୍ୟବସ୍ଥା ଦେବା ପାଇଁ କହିବା ସହିତ ବ୍ଲକ ପକ୍ଷରୁ କି ପ୍ରକାର ସହାୟତା ଦିଆଯାଇ ପାରିବ ବୋଲି ବିଡିଓଙ୍କ ସହିତ ଆଲୋଚନା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମପଞ୍ଚାୟତ ଝିଟ୍ରିଢୋଡା ଗାଁର ତାରେଶ୍ୱର ଭୋଇଙ୍କ ମାଟିକାନ୍ଥ ଘର ଭାଙ୍ଗିପଡ଼ିଛି। ଦୀର୍ଘଦିନରୁ ଏହି ମାଟିକାନ୍ଥ ଘରେ ତାରେଶ୍ୱର ସମେତ ତାଙ୍କ ସ୍ତ୍ରୀ ପଙ୍କଜିନୀ ଓ ଭାଇ ହେମନ୍ତ ରହୁଥିଲେ। ମାଟି ଘର ଭୁଷୁଡ଼ି ପଡିବାରୁ ଏବେ ସେମାନେ ବାସହରା ହୋଇପଡିଛନ୍ତି। ତାରେଶ୍ୱର ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସରକାରୀ ସହାୟତା ସହ ଏକ ବିଜୁ ପକ୍କାଘର ଯୋଗେଇ ଦେବାକୁ ତାରେଶ୍ୱର ଦାବି କରିଛନ୍ତି।

### ସରକାରୀ ସହାୟତା ପାଇଁ ନିବେଦନ

# ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର ଲୋକେ

### ଲଘୁଚାପ ଜନିତ ଲଗାଣ ବର୍ଷା

ଲାଞ୍ଜିଗଡ଼,୨।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଗତ ତିନିଦିନ ଧରି ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇଛି। ଏହାର ପ୍ରଭାବରେ ଦୁର୍ଗମ ତ୍ରିଲୋଚନପୁର ପଞ୍ଚାୟତ ଡେଲାଙ୍ଗ ବୁଣ୍ଡେଲ ଗାଁର କ୍ଷେତ୍ର ମୋହନଙ୍କ ଘର ଭାଙ୍ଗିଯାଇଛି। ସୂଚନା ଅନୁସାରେ ସୋମବାର ରାତିରେ କ୍ଷେତ୍ରମୋହନଙ୍କ ପରିବାର ଲୋକେ ବର୍ଷା ଯୋଗୁ ସମସ୍ତେ ଘରେ ଥିବା ସମୟରେ ହଠାତ କାନ୍ଥ ଭୁଷୁଡ଼ି ଯାଇ ଖପର ଗଳିପଡିଥିଲା। ଘରେ ଥିବା ପରିବାର ସାମ୍ନା ପଟେ କାନ୍ଥ ଭୁଷୁଡିଯିବା ଜାଣିପାରି ଘରୁ ବାହାରି ଆସିଥିଲେ।



ବର୍ଷାରେ ଘର ଭାଙ୍ଗିପଡ଼ିଛି।

ପରେ ପୁଣି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ପରିବାର ଲୋକଙ୍କ କୌଣସି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଏ ନେଇ କ୍ଷେତ୍ର ମୋହନ ସ୍ଥାନୀୟ ସରପଞ୍ଚ ଓ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡିଛି। କ୍ଷେତ୍ର ମୋହନଙ୍କୁ ସରକାରଙ୍କ ପକ୍ଷରୁ ତୁରନ୍ତ ଘର ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୯ରେ କଂଗ୍ରେସ ପାଳିବ ଆଦିବାସୀ ଗୌରବ ପର୍ବ

ନୂଆପଡ଼ା,୨।୮(ମକାରୁ ବେମାଲ)

ଆସନ୍ତା ୯ ତାରିଖରେ କଂଗ୍ରେସ ପାଳିବ ଆଦିବାସୀ ଗୌରବ ପର୍ବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ, ଜିଲା ଓ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରରେ ବିଶ୍ୱ ଜନଜାତୀୟ ଦିବସ ବା ଆଦିବାସୀ ଗୌରବ ପର୍ବ ପାଳନ କରାଯିବ ବୋଲି ନୂଆପଡା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଦିବାସୀମାନଙ୍କ ସଂସ୍କୃତି, ଐତିହ୍ୟ, ପରମ୍ପରା ବହନ କରୁଥିବା ପ୍ରସିଦ୍ଧ ସ୍ଥାନରେ ଏକ ବିଶାଳ ଶୋଭାଯାତ୍ରା କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ଆଜାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ବ୍ଲକ ଓ ଏନଏସିରେ ନୂତନ ସଭାପତି ଭାବେ ନିଯୁକ୍ତ କଂଗ୍ରେସ କର୍ମୀମାନଙ୍କୁ ନିଯୁକ୍ତିପତ୍ର ଦେଇ ସମ୍ମାନିତ କରାଯାଇଥିଲା। ନୂଆପଡା ସଦର ବ୍ଲକ ସଭାପତି ଭାବେ ଚିନୁଲାଲ ଶବର ଏବଂ ସଦର ଏନଏସି ପାଇଁ କୁଳଦୀପ ସୁରଜଙ୍କୁ ଦାୟିତ୍ୱ ଦିଆଯାଇଛ। କୋମନା ବ୍ଲକ ସଭାପତି ପିଲେଶ୍ୱର ସାହୁ ଓ ଖରିଆର ରୋଡ ଏନଏସି ସଭାପତି ଭାବେ ମହମ୍ମଦ ଜୁନେଦଙ୍କୁ ଦାୟିତ୍ୱ ଦିଆଯାଇଛି। ସହିପରି ଖଡିଆଳ, ବୋଡେନ ଓ ସିନାପାଲି ବ୍ଲକ ପାଇଁ ପରବର୍ତ୍ତି ସମୟରେ ଦାୟିତ୍ୱ ଦିଆଯିବ ବୋଲି ଆଜାଦ କହିଛନ୍ତି। ଆସନ୍ତା ୯ରେ ହେବାକୁ ଥିବା ଆଦିବାସୀ ଗୌରବ ଦିବସରେ ଦେଶ ଗଠନର ଭୂମିକାକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ। ସଂରକ୍ଷଣ ପ୍ରତିଜ୍ଞା, ସଂସ୍କୃତି, କଳା ଓ ପରମ୍ପରାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଦିବାସୀ ଘରେ ବା ସାହିରେ ରାତ୍ରି ଭୋଜନ, ମଶାଳ ଯାତ୍ରା ଆଦି କାର୍ଯ୍ୟକ୍ରମ ହେବ ବୋଲି ସଭାପତି ଆଜାଦ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଦେବଦତ ଦିକ୍ଷୀତ, ଅଭୟ ଶଙ୍କର ଯୋଶୀ, ଗୋବିନ୍ଦ ସିଂ ଠାକୁର, କୌଶିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଚଲା ବାଳାଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକମରେ ବିଧାୟକ ବକ୍ତବ୍ୟ ଦେଉଛନ୍ତି ।

ଜୁନାଗଡ଼,୨।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ବାଳାଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉଚ୍ଚ ମାଧମିକ ଦ୍ୱାରା ଅଞ୍ଚଳର ଅନେକ ସାଧାରଣ ବର୍ଗର ଛାତ୍ରଛାତ୍ର କଲେଜ ପାଠ ପଢି ଉପକୃତ ହେବେ ବୋଲି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ।ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରା ଯୋଗଦେଇ ନିଜ ବକ୍ତବ୍ୟରେ ଶିକ୍ଷାହିଁ ପ୍ରଗତିର ସୁତ୍ରଧର ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଚାଷୀ ପ୍ରଶାନ୍ତ ପଟ୍ଟଯୋଶୀ, ଶିଳ୍ପପତି ହର୍ସ ବେହେରା,ଜିଲା ପରିଷଦ ସଭ୍ୟା ଶାମୁକା ରାଣୀ କୁମାର,ମହିଚଲା ସରପଞ୍ଚ ଶ୍ରଦ୍ଧାଞ୍ଜଳୀ ବେହେରା,ପୁର୍ବତନ ସରପଞ୍ଚ ଅଜୟ ବେହେରା,ଏବିଇଓ ସୁଶାନ୍ତ କୁମାର ମୁଣ୍ଡ,ପୂର୍ବତନ ଶିକ୍ଷକ ମନୋରଞ୍ଜନ ସିଂହ,ସଞ୍ଜୟ କୁମାର ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଞ୍ଛାନିଧି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ଶିକ୍ଷକ ସୂର୍ଯ୍ୟ ପ୍ରସାଦ ଠାକୁର ସଭା ପରିଚାଳନା କରିଥିବାବେଳେ ପ୍ରତାପ କୁମାର ଠାକୁର ଧନ୍ୟବାଦ ଦେଇଥିଲ।ଏହି ଅବସରରେ ନୂତନ ଭାବେ ଯୋଗଦାନ କରିଥିବା ଅଧ୍ୟାପିକା ଅଧ୍ୟାପକ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ସ୍ୱାଗତ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପିଙ୍କୁ



@ ପପନ



@ ପ୍ରିୟନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୱାର୍ଡ ସଂଯୋଜକ ଚୟନରେ ଅନିୟମିତତା ଅଭିଯୋଗ



ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୁଡ଼ଭେଲା, ୨।୮
(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ ୱାର୍ଡ ସଂଯୋଜକ ଚୟନରେ ଅନିୟମିତତା ହୋଇଛି। ଏଭିଭଳି ଅଭିଯୋଗ କରି ବୁଧବାର ନଏସିର ୧୦ନମ୍ବର କାଉନସିଲର ବବିତା ସାହୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପ୍ରଦାନ କରିଛନ୍ତି। ଏନଏସିର ୧୧ଟି ୱାର୍ଡ ପାଇଁ ଏକ କମିଟି ଗଠନ କରାଯାଇ ୧୧ଜଣ ୱାର୍ଡ ସଂଯୋଜକ ଚୟନ କରାଯାଇଛି। ଗାଇଡଲାଇନକୁ ଉଲ୍ଲଂଘନ କରାଯାଇ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଦ୍ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମନଇଚ୍ଛା ଚୟନ କରାଯାଇଥିବା ନେଇ ଗତ ଜୁଲାଇ ୧୫ତାରିଖରେ ବଲାଙ୍ଗୀର ଉପଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚଠିରେ ଜଣାଇଥିଲେ ମଧ୍ୟ କଛି ସୁଫଳ ମିଳି ନଥିବା ସେ ଉଲ୍ଲେଖ କରିଛନ୍ତି।

# ବଜରଙ୍ଗ ଦଳର ୪ ଦଫା ଦାବିପତ୍ର

ମୁରିବାହାଲ, ୨।୮(ଶ୍ରୀବତ୍ସ ବେହେରା )

ହିନ୍ଦୁମାନଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ଅତ୍ୟାଚାରକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ବଲାଙ୍ଗୀର ଜିଲା ମୁରିବାହାଲ ବଜରଙ୍ଗ ଦଳ। ବୁଧବାର ଦଳ ତରଫରୁ ୪ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ବିଶ୍ୱମ୍ବର ପଣ୍ଡାଙ୍କୁ ଉକ୍ତ ଦାବିପତ୍ର ଦିଆଯାଇଛି। ମୁରିବାହାଲ ରାଧକୃଷ୍ଣ ଓ ଶିବ ମନ୍ଦିର ନିକଟରୁ ବଜରଙ୍ଗ ଦଳ କର୍ମକର୍ତ୍ତାମାନେ ଏକ ବାଇକ ଶୋଭାଯାତ୍ରାରେ ତହସିଲଦାରଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। ସୁଧାଂଶୁ ଶେଖର ପୋଢ଼ ଯାଦବଙ୍କ ଅଧ୍ୟକ୍ଷତାରେ ତହସିଲ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ନାରାୟଣ ସାହୁ, ରାଜୀବ କୁମାର ମହାନ୍ତି ପ୍ରମୁଖ ଗତ ସୋମବାର ହରିଆଣାର ମେୱଡ଼ସାହରେ ବଜରଙ୍ଗ ମଣ୍ଡଳ ଧାର୍ମିକ ଶୋଭାଯାତ୍ରା କରାଯାଉଥିବା ସମୟରେ



ପଥର ମାଡ଼, ପେଟ୍ରୋଲ ବମ ମାଡ଼ ସହ ୪ ଜଣ ହିନ୍ଦୁଙ୍କୁ ହତ୍ୟା କରାଯିବାକୁ ନିନ୍ଦା କରାଯାଇଥିଲା। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ହିଂସାକାଣ୍ଡରେ ସମ୍ପୃକ୍ତଙ୍କୁ ଗିରଫ, ପ୍ରତି ମୃତକ ହିନ୍ଦୁଙ୍କୁ ୫୦ ଲକ୍ଷ ଓ ଆହତଙ୍କୁ ୧୦ ଲକ୍ଷ କ୍ଷତି ପୂରଣ ଦେବାକୁ ଦାବି କରାଯାଇଥିଲା।

# ସମାଧାନ ସୂତ୍ର ପାଇଁ ଜରୁରୀ ବୈଠକ

ବଲାଙ୍ଗୀର,୨।୮
(ବୀରେନ୍ଦ୍ର କୁମାର ଝାଙ୍କର)

ପାଟଣାଗଡ ବ୍ଲକ୍ ଛକରେ ଥିବା ପର୍ଶୁରାମ ଫଟୋ ଉଠାଇ ସେହି ସ୍ଥାନରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ପାଟଣାଗଡ, ବେଲପଡା ଏବଂ ଖପ୍ରାଖୋଲ ବନ୍ଦ କରାଯାଇଥିଲା। ଗୁରୁବାର ଦିନ ହିନ୍ଦୁ ଜାଗରଣ ମଞ୍ଚପକ୍ଷରୁ ବଲାଙ୍ଗୀର ଜିଲା ବନ୍ଦ ଡାକରା ଦିଆଯାଇଛି। ଏହି ବିବାଦୀୟ ଘଟଣାର ସମାଧାନ ସୂତ୍ର ବାହାର କରିବା ପାଇଁ ବୁଧବାର ପାଟଣାଗଡ ଏନ୍‌ଏସି ଅଧକ୍ଷା ମାନସୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଧାୟକ ସରୋଜ କୁମାର ମେହେର, ଏନ୍‌ଏସି ଉପାଧକ୍ଷା ପ୍ରଫୁଲ୍ଲ କୁମାର ମେହେର, କାଉନସିଲର ହେମବତୀ ମେହେର, ରୀତା ମେହେର, ସୁଜିତ କୁମାର ମେହେର, ଉଷା ରାହା, ଶ୍ରୀରାମ ଦଲେଇ, ଭାରତୀ ଧ୍ରୁବଲ, ରୁନା ମହାନନ୍ଦ, ସୁରେନ୍ଦ୍ର ସା, କେଶରୀ ମେହେର, ରାମା ମେହେର, କନକଲତା ମେହେର, ରୁନୁ କୁମାର, ଲୋଚନ ଭୁଏ, ମକୁନ୍ଦ ମେହେର ଉପସ୍ଥିତ ଥିଲେ ବୋଲି ଉଲ୍ଲେଖ କୁହାଯାଇଛି। ବୈଠକରେ ସମାଧାନ ସୂତ୍ର ବାହାର କରିବାକୁ ଯାଇ ୨୦ ଏପ୍ରିଲ ୨୦୨୨ର ଏନ୍‌ଏସି ପ୍ରସ୍ତାବ ନମ୍ବର ୪୩କୁ କାୟମ ରଖାଗଲା ବୋଲି କୁହାଯାଇଛି। ଏହା ସହିତ ପାଟଣାଗଡ ବ୍ଲକ୍ ଛକକୁ ପର୍ଶୁରାମ ଛକ ନାମରେ ନାମିତ କରାଗଲା ଏବଂ ସେହି ଛକରେ ଓଡିଶା ସରକାରଙ୍କ ନିୟମ ଅନୁସାରେ ସମସ୍ତଙ୍କ ସହଯୋଗରେ ଭଗବାନ ପର୍ଶୁରାମଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାଇଛନ୍ତି। ମନ୍ଦିର ନିର୍ମାଣ ଜାଗା ଚିହ୍ନଟ ପାଇଁ କରିବା ସକାଶେ ପାଟଣାଗଡ ତହସିଲଦାର ପତ୍ର ମାଧ୍ୟମରେ ଲେଖି ଜଣାଇବାକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁରୋଧ କରାଯାଇଥିବା ଜଣାଇଛନ୍ତି। ଏହାସହିତ ହାଇକୋର୍ଟଙ୍କ ରିଟ୍ ପିଟିସନ୍ ଅନୁଯାୟୀ ରାସ୍ତା ଉପରେ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ରାସ୍ତାରେ ମଧରେ ରଖାଯାଇପାରିବନାହିଁ। ସେହିପରି ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅଧିକ ସମ୍ମାନ ପ୍ରଦାନ କରିବା ତଥା ବ୍ଲକ୍ ଛକର ସୌନ୍ଦର୍ଯ୍ୟକରଣ ଓ ଉନ୍ନିତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ଏହି ଜରୁରୀ ବୈଠକରେ ସମସ୍ତ ପକ୍ଷଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରାଯାଇଛି। ତେବେ ଗୁରୁବାର ବଲାଙ୍ଗୀର ଜିଲା ବନ୍ଦ ଡାକରା ଜାରି ରହିବ ବୋଲି ଆବାହକ ଗୋପାଲଜୀ ପାଣିଗ୍ରାହୀ କହିଛନ୍ତି।

### ପର୍ଶୁରାମ ଫଟୋ ଉଠାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣା

- ହାଇକୋର୍ଟରେ କରାଯାଇଥିଲା ରିଟ୍ ପିଟିଶନ୍
- ପ୍ରସ୍ତାବ ନମ୍ବର ୪୩କୁ କାଏମ୍ କରାଗଲା
- ପର୍ଶୁରାମ ଛକରେ ରହିବ ବିଜୁ ପ୍ରତିମୂର୍ତ୍ତି, ତିଆରି ହେବ ପର୍ଶୁରାମ ମନ୍ଦିର
- ଆଜି ହେବ ବଲାଙ୍ଗୀର ବନ୍ଦ

## ଘର ବାରଣ୍ଡାରୁ ବାଇକ୍ ଚୋରି

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଛାରପାଲି ଗାଁରୁ ସୋମବାର ବିଳମ୍ବିତ ରାତିରେ ଜନୈକ ବ୍ୟକ୍ତିଙ୍କ ଘର ବାରଣ୍ଡାରୁ ପଲସର ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗାଡି ମାଲିକ ଭୋଳାନାଥ ସାହୁଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରାଯାଉଥିବା ଥାନାଧିକାରୀ ତାରାବତୀ ପ୍ରଧାନ କହିଛନ୍ତି ।

## ସଂକ୍ଷେପରେ

### ୩ଦିନ ହେଲା ଅନ୍ଧାରରେ

ଅମରପାଲି,୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉପାନ୍ତ ବହଳପଦର, ଦୁର୍ଜନତୈଳା ଓ ଲୁତୁରପଙ୍କ ଗ୍ରାମପଞ୍ଚାୟତର ପ୍ରାୟ ୧୭ ଗ୍ରାମବାସୀ ୩ ଦିନ ହେଲା ଅନ୍ଧାରରେ ଅଛନ୍ତି । ଉକ୍ତ ଅଞ୍ଚଳକୁ ସୋମବାରଠାରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ରହିଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିରୋସିନି ମିଳୁ ନ ଥିବାରୁ ଲୋକେ ମୁଖ୍ୟତଃ ଟର୍ଚ୍ଚ ଲାଇଟ, ଇଲେକ୍ଟ୍ରୋନିକ୍ସ ଲାଇଟ ଉପରେ ନିର୍ଭର କରୁଛନ୍ତି । ବିଦ୍ୟୁତ୍ ନ ଥିବାରୁ ମୋବାଇଲ ଫୋନ ସବୁ ବନ୍ଦ ହୋଇପଡ଼ିଛି। ତେଣୁ କୌଣସି ଜରୁରୀ କାମ ପାଇଁ ଯୋଗାଯୋଗ କରାଯାଇ ପାରୁନାହିଁ। ପିଲାଙ୍କ ପାଠପଢାରେ ସମସ୍ୟା ଦେଖାଯାଉଛି। ଚାଷୀମାନେ ପାଣିପାଗ ସୂଚନା ଇଣ୍ଟରନେଟ୍ ଓ ଟେଲିଭିଜନରୁ ପାଇବାରୁ ବଞ୍ଚିତ ହେଉଛନ୍ତି। ତିନି ଦିନ ହେଲା ବର୍ଷା ଲାଗି ରହିଥିବାରୁ ଅଞ୍ଚଳର ଘୁଙ୍ଗିନାଳ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ଲୁତୁରପଙ୍କ ପଞ୍ଚାୟତର ଘିଚାପାଲି, ବହଲପଦର ପଞ୍ଚାୟତର ଅମରପାଲି, ଭାଲୁଡୁଙ୍ଗୁରି, କଲନିପଡା, ବହଲପଦର, ଗୌଡଗାଡ, ଗୁଦୁଗୁଦା, ବିଶାଳପାଲି, ଚିଙ୍ଗିରାନାଲି, ହାତିଲିମୁଣ୍ଡା, ପାତରପାଲି, ହୋତାପାଲି, କେନ୍ଦୁପାଲ, ଫବସିପାଲି ସମେତ ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲି, ମାଳିଦାଦର, ଦୁର୍ଜନତୈଲା ଆଦି ଗ୍ରାମକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ରହିଛି।

### ବନ୍ୟାପାଣି ଘେରରୁ ୨ଜଣଙ୍କୁ ଉଦ୍ଧାର

ଅମରପାଲି,୨।୮ (ପୀତାମ୍ବର ସାହୁ)

ବୀରମହାରାଜପୁର ସଦର ନିକଟସ୍ଥ ବାଗବର ପାଖ ହରିହର ଯୋରରେ ବନ୍ୟାପାଣି ଆସିବାରୁ ଯୋର ଖଣ୍ଡିରେ ଥିବା ଏକ କୁକୁଡା ଫାର୍ମ ବନ୍ୟାଜଳ ଘେରରେ ରହିଛି । ଫଳରେ ସେଠାରେ କାର୍ଯ୍ୟରତ ୨ ଜଣ କର୍ମଚାରୀ ଫସି ରହିଥିଲେ। ଫାର୍ମର ମାଲିକ ଉଦ୍ଧାର ପାଇଁ ବୀରମହାରାଜପୁର ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେଇଥିଲେ । ଅଗ୍ନିଶମ କର୍ମଚାରୀଙ୍କ ସହିତ ବୀରମହାରାଜପୁର ତହସିଲଦାର ବିବୁଧ ଗଡନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ଅଧିକାରୀ ଭରତଲାଲ ଏକ୍କାଙ୍କ ନେତୃତ୍ୱରେ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ବେଳେ ବାଗବାର ପାକ୍ସ ସମ୍ପାଦକ ଚନ୍ଦ୍ରମଣି ବରଗର୍ତ୍ତି, ବିପିନ ପଣ୍ଡା, ପ୍ରାଣବନ୍ଧୁ ସେଠୀ ଓ ସୁଧୀର ମାଝି ସହଯୋଗ କରିଥିଲେ।

### ସିଂଘାଯୋର ପୋଲ ଉପରେ ୨ ଫୁଟ ପାଣି

ବାଉଁଶୁଣୀ,୨।୮ (ଦେବାଶିଷ ନେପାକ)

ଲଘୁଚାପଜନତ ଲଗାଣ ବର୍ଷାରେ ବୌଦ୍ଧ ବ୍ଲକ ଗୁଦୁଲିଆ ପଞ୍ଚାୟତ ସିଂଘାଯୋର ପୋଲ ଉପରେ ୨ ଫୁଟ ଉଚ୍ଚର ପାଣି ଚାଲୁଛି। ଫଳରେ ଯାତାୟତରେ ବାଧା ସୃଷ୍ଟି ହୋଇଛି। ଏପରି କି ବୌଦ୍ଧ ଜିଲାର ଅନେକ ସ୍ଥାନରେ ରାସ୍ତା ଉପରେ ପାଣି ଚାଲିବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହେଲାଣି। ଏହି ପୋଲ ଦେଇ ଗୁଦୁଲିଆ,ତିଳପଙ୍ଗା,ଖଜୁରିପଡା, ବଘିଆପଡା, ଶଗଡା ସମେତ ଆହୁରି ଅନେକ ଗାଁର ଲୋକ ଯିବା ଆସିବା କରନ୍ତି। ଗୁଦୁଲିଆ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁଗାଁଗାଁବୁଲିସ୍ଥିତିଅନୁଧ୍ୟାନ କରୁଛନ୍ତି। ବର୍ଷା ହେଲେ ଏହି ପୋଲ ଉପରେ ପାଣି ଚାଲେ। ପ୍ରତିବର୍ଷ ଏପରି ପରିସ୍ଥିତି ସୃଷ୍ଟି ହେଉଛି।

# ଲଘୁଚାପଜନିତ ବର୍ଷାରେ ଭାଙ୍ଗିଲା ୩ଜଣଙ୍କ ଘର

ଖଡ଼ିଆଳ,୨।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲାରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଖଡ଼ିଆଳ ବ୍ଲକରେ ଗତ ଦୁଇ ଦିନ ହେଲା ବର୍ଷା ହେବା ଦ୍ୱାରା ଜନଜୀବନ ଅସ୍ତ ବ୍ୟସ୍ତ ହୋଇପଡିଛି। ବର୍ଷା ଯୋଗୁ ଖଡ଼ିଆଳ ବ୍ଲକ ତିଖାଲି ଗ୍ରାମର ଏକଲବ୍ୟ ବେହେରା ଓ ଦୁତିଆ ବେହେରାଙ୍କ ଘର ଭାଙ୍ଗିଯାଇଛି। ୨ଜଣ ଗରିବ ପରିବାର ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ ସାମିଲ ହୋଇ ପାରିନାହାନ୍ତି । ଏକଲବ୍ୟ ବେହେରାଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଚାୟତ ଲିଷ୍ଟରେ ସ୍ଥାନିତ ଥିବା ବେଳେ ଦୁତିଆ ବେହେରାଙ୍କ ଆବାସ ଯୋଜନାରେ ଲିଷ୍ଟ ନ ଥିବା ଜଣାପଡିଛି।



ଭଙ୍ଗା ଘର ସମ୍ମୁଖରେ ଝିଡ୍ରିଢୋଡା ଗାଁର ତାରେଶ୍ୱର ଭୋଇଙ୍କ ପରିବାର ।

ଘର ଭାଙ୍ଗିବା ଖବର ପାଇ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ତିଖାଲି ଗ୍ରାମକୁ ଯାଇ ପରିବାର ସହିତ ଆଲୋଚନା କରିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ୨ ପରିବାରଙ୍କୁ ୨ଟି ପଲିଥିନ ବ୍ୟବସ୍ଥା ଦେବା ପାଇଁ କହିବା ସହିତ ବ୍ଲକ ପକ୍ଷରୁ କି ପ୍ରକାର ସହାୟତା ଦିଆଯାଇ ପାରିବ ବୋଲି ବିଡିଓଙ୍କ ସହିତ ଆଲୋଚନା କରିବି ବୋଲି ପ୍ରତିଶ୍ରୁତି

### ସରକାରୀ ସହାୟତା ପାଇଁ ନିବେଦନ

ଦେଇଥିଲେ। ସେହିପରି ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମପଞ୍ଚାୟତ ଝିଡ୍ରିଢୋଡା ଗାଁର ତାରେଶ୍ୱର ଭୋଇଙ୍କ ମାଟିକାନ୍ଥ ଘର ଭାଙ୍ଗିପଡ଼ିଛି। ଦୀର୍ଘଦିନରୁ ଏହି ମାଟିକାନ୍ଥ ଘରେ ତାରେଶ୍ୱର ସମେତ ତାଙ୍କ ସ୍ତ୍ରୀ ପଙ୍କଜିନୀ ଓ ଭାଇ ହେମନ୍ତ ରହୁଥିଲେ। ମାଟି ଘର ଭୁଷୁଡ଼ି ପଡିବାରୁ ଏବେ ସେମାନେ ବାସହରା ହୋଇପଡିଛନ୍ତି। ତାରେଶ୍ୱର ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସରକାରୀ ସହାୟତା ସହ ଏକ ବିଜୁ ପକ୍କାଘର ଯୋଗେଇ ଦେବାକୁ ତାରେଶ୍ୱର ଦାବି କରିଛନ୍ତି।

# ବିକାଶରେ ସମ୍ବଲପୁରୀ ଦିନ୍

ବରଗଡ଼,୨।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ କ୍ୟାମ୍ପସରେ ମଙ୍ଗଳବାର ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। ବିକାଶ ଡିଗ୍ରୀ କଲେଜ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ବିକାଶ ସ୍କୁଲ ଅଫ ବିଜନେସ୍ ମ୍ୟାନେଜମେଣ୍ଟ, ବିକାଶ ଲ ସ୍କୁଲ, ବିକାଶ ନର୍ସିଂ କଲେଜ, ବିକାଶ ପଲିଟେକନିକ୍‌ର ଛାତ୍ରୀଛାତ୍ର ସମ୍ବଲପୁରୀ ପୋଷାକ ପରିଧାନ କରି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମ ଆରମ୍ଭରେ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟକ୍ଷ ଇଂ.ଅଜୟ ମହାପାତ୍ର,



ସମ୍ବଲପୁରୀ ଦିନ ଅବସରରେ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଉଛି।

ଡଃ କ୍ଷୀରୋଦ ପ୍ରଧାନ, ଡଃ ବିକ୍ରମ ଦାସ, ସତ୍ୟବ୍ରତ ମିଶ୍ର, ଉପାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ମିଶ୍ର, ଆର.ଏସ.ଭି କ୍ରୀଷ୍ଣା ଦିପାଞ୍ଜଳି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ୟୋତିସ୍ମିତା ତ୍ରିପାଠୀ, ସଙ୍କେତ ବିଶ୍ୱାଳ, ସ୍ୱୟାଂଶୀ ସଂସ୍ପର୍ଶା ସାହୁ ସମ୍ବଲପୁରୀ ଭାଷାରେ ଅଭିନୟ କରିଥିଲେ।

# ୯ରେ କଂଗ୍ରେସ ପାଳିବ ଆଦିବାସୀ ଗୌରବ ପର୍ବ

ନୂଆପଡ଼ା,୨।୮ (ମକାରୁ ବେମାଲ)

ଆସନ୍ତା ୯ ତାରିଖରେ କଂଗ୍ରେସ ପାଳିବ ଆଦିବାସୀ ଗୌରବ ପର୍ବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ, ଜିଲା ଓ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରରେ ବିଶ୍ୱ ଜନଜାତୀୟ ଦିବସ ବା ଆଦିବାସୀ ଗୌରବ ପର୍ବ ପାଳନ କରାଯିବ ବୋଲି ନୂଆପଡା ଜିଲା କଂଗ୍ରେସ କାର୍ଯ୍ୟାୟଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଦିବାସୀମାନଙ୍କ ସଂସ୍କୃତି, ଐତିହ୍ୟ, ପରମ୍ପରା ବହନ କରୁଥିବା ପ୍ରସିଦ୍ଧ ସ୍ଥାନରେ ଏକ ବିଶାଳ ଶୋଭାଯାତ୍ରା କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ଆଜାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ବ୍ଲକ ଓ ଏନଏସିରେ ନୂତନ ସଭାପତି ଭାବେ ନିଯୁକ୍ତ କଂଗ୍ରେସ କର୍ମୀମାନଙ୍କୁ ନିଯୁକ୍ତିପତ୍ର ଦେଇ ସମ୍ମାନିତ କରାଯାଇଥିଲା। ନୂଆପଡା ସଦର ବ୍ଲକ ସଭାପତି ଭାବେ ଚିନ୍ତୁଲାଲ ଶବର ଏବଂ ସଦର ଏନଏସି ପାଇଁ କୁଳଦୀପ ସୁରଜଙ୍କୁ ଦାୟିତ୍ୱ ଦିଆଯାଇଛ। କୋମନା ବ୍ଲକ ସଭାପତି ପିଳେଶ୍ୱର ସାହୁ ଓ ଖରିଆର ରୋଡ ଏନଏସି ସଭାପତି ଭାବେ ମହମ୍ମଦ ଜୁନେଦଙ୍କୁ ଦାୟିତ୍ୱ ଦିଆଯାଇଛି। ସହିପରି ଖଡିଆଳ, ବୋଡେନ ଓ ସିନାପାଲି ବ୍ଲକ ପାଇଁ ପରବର୍ତ୍ତି ସମୟରେ ଦାୟୀତ୍ୱ ଦିଆଯିବ ବୋଲି ଆଜାଦ କହିଛନ୍ତି। ଆସନ୍ତା ୯ରେ ହେବାକୁ ଥିବା ଆଦିବାସୀ ଗୌରବ ଦିବସରେ ଦେଶ ଗଠନର ଭୂମିକାକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ। ସଂରକ୍ଷଣ ପ୍ରତିଜ୍ଞା, ସଂସ୍କୃତି, କଳା ଓ ପରମ୍ପରାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଦିବାସୀ ଘରେ ବା ସାହିରେ ରାତ୍ରି ଭୋଜନ, ମଶାଲ ଯାତ୍ରା ଆଦି କାର୍ଯ୍ୟକ୍ରମ ହେବ ବୋଲି ସଭାପତି ଆଜାଦ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଦେବଦତ ଦିକ୍ଷୀତ, ଅଭୟ ଶଙ୍କର ଯୋଶୀ, ଗୋବିନ୍ଦ ସିଂ ଠାକୁର, କୌଶିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା, ଛତିଶଗଡ଼ ପୋଲିସ ପଦାଧିକାରୀଙ୍କ ବୈଠକ



ବୈଠକରେ ଓଡ଼ିଶା, ଛତିଶଗଡ଼ ପୋଲିସ ପଦାଧିକାରୀବୃନ୍ଦ ।

ବରଗଡ଼,୨।୮ (ପ୍ରେମାନନ୍ଦ ଖମାରୀ)

ଛତିଶଗଡ଼ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବୁଧବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଛତିଶଗଡ଼ ଏବଂ ଓଡ଼ିଶା ପୋଲିସ ପଦାଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ପକ୍ଷରୁ ବୈଠକରେ ଉତ୍ତରାଞ୍ଚଳ ଆଇଜି ଦୀପକ କୁମାରଙ୍କ ସମେତ ବରଗଡ଼, ସୁନ୍ଦରଗଡ଼, କଳାହାଣ୍ଡି, ନୂଆପଡ଼ା ଏବଂ ନବରଙ୍ଗପୁର ଏସପି ଉପସ୍ଥିତ ଥିଲେ। ସେହିପରି ଛତିଶଗଡ଼ ପୋଲିସ ପକ୍ଷରୁ ରାୟଗଡ଼ ଡିଆଇଜିଙ୍କ ସମେତ ରାୟଗଡ଼, ମହାସମୁନ୍ଦ, ଗରିଆବନ୍ଧ, ଧମତରୀ, ସାରଙ୍ଗଗଡ଼ ଏସପି ଉପସ୍ଥିତ ଥିଲେ। ଛତିଶଗଡ଼ ଏବଂ ଓଡ଼ିଶା ସୀମାନ୍ତରେ ବିଭିନ୍ନ ସମୟରେ ମାଓବାଦୀଙ୍କ ହମଲା ଲାଗି ରହିଥିବାବେଳେ ଦିନକୁଦିନ ମାଓବାଦୀମାନେ ସେମାନଙ୍କ ସ୍ଥିତି ମଧ୍ୟ ଜାହିର କରୁଛନ୍ତି। ଫଳରେ ନିର୍ବାଚନ ସମୟରେ ସେଭଳି ମାଓବାଦୀ ହିଂସା ଏଡ଼ାଇବା ସହିତ ଛତିଶଗଡ଼ ବିଧାନସଭା ନିର୍ବାଚନ ଯେଭଳି ଶୃଙ୍ଖଳିତ ଭାବେ ସମାପନ ହେବ, ତା'ର ବିଭିନ୍ନ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି ।

# ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ

ବରଗଡ଼,୨।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ଅଞ୍ଚଳୁ ବୁଧବାର ଜଣେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। ଇନ୍ଦୁମତୀ ପ୍ରଧାନ ନାମ୍ନୀ ଏହି ବୃଦ୍ଧା ଅସହାୟ ଅବସ୍ଥାରେ ବାର ଦୁଆର ହେଉଥିବା ସୂଚନା ପାଇ ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚିଥିଲେ। ସ୍ଥାନୀୟ ପୋଲିସ ସହାୟତାରେ ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରି ବିଜେପୁର ବ୍ଲକ ସମଲେଇପଦରସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମକୁ ଆଣିଥିଲେ। ସେଠାରେ ଆଶ୍ରମ ପରିଚାଳକ ଜଳନ୍ଧର ପଟେଲଙ୍କ ସହିତ କଥାବାର୍ତ୍ତା ହୋଇ ସ୍ୱେଚ୍ଛାସେବୀମାନେ ବୃଦ୍ଧାଜଣଙ୍କୁ ସେଠାରେ ରଖିଥିଲେ। ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀ ଜି. ରମେଶ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ପିଙ୍କୁ



@ ପପନ



@ ପ୍ରିୟନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୱାର୍ଡ ସଂଯୋଜକ ଚୟନରେ ଅନିୟମିତତା ଅଭିଯୋଗ



ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୁଡ଼ଭେଲା,୨।୮ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ ୱାର୍ଡ ସଂଯୋଜକ ଚୟନରେ ଅନିୟମିତତା ହୋଇଛି। ଏଭିଳି ଅଭିଯୋଗ କରି ବୁଧବାର ନଏସିର ୧୦ନମ୍ବର କାଉନସିଲର ବବିତା ସାହୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପ୍ରଦାନ କରିଛନ୍ତି। ଏନଏସିର ୧୧ଟି ୱାର୍ଡ ପାଇଁ ଏକ କମିଟି ଗଠନ କରାଯାଇ ୧୧ଜଣ ୱାର୍ଡ ସଂଯୋଜକ ଚୟନ କରାଯାଇଛି। ଗାଇଡଲାଇନକୁ ଉଲ୍ଲଂଘନ କରାଯାଇ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଦ୍ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମନଇଚ୍ଛା ଚୟନ କରାଯାଇଥିବା ନେଇ ଗତ ଜୁଲାଇ ୧୫ତାରିଖରେ ବଲାଙ୍ଗୀର ଉପଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚଠିରେ ଜଣାଇଥିଲେ ମଧ୍ୟ କଛି ସୁଫଳ ମିଳି ନଥିବା ସେ ଉଲ୍ଲେଖ କରିଛନ୍ତି।

# ୮ଜଣ ଶ୍ରମିକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ବାଉଁଶୁଣୀ,୨।୮ (ଦେବାଶିଷ ନେପାକ)

ବୌଦ୍ଧ ଜିଲାର ସୁରୁଜୋରରେ ଭାସି ଯାଉଥିବା ୮ ଜଣ ଶ୍ରମିକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ବୌଦ୍ଧ ବ୍ଲକ ତାଳସରଡା ଗ୍ରାମପଞ୍ଚାୟତ ଜାତୀୟ ରାଜପଥ ନମ୍ବର ୫୭ର ମାନେଶ୍ୱର ଛକ ନିକଟରୁ ସୀତାପୁର ଗ୍ରାମ ଆଡକୁ ଯାଇଥିବା ରାସ୍ତାର ସୁରୁଜୋର ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସେଠାରେ ତମ୍ବୁ ମାରି କେତେଜଣ ଶ୍ରମିକ ରହୁଥିଲେ । ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ପାଣି ମାଡ଼ି ଆସିବାରୁ ୮ ଜଣ ଶ୍ରମିକ ନାଳ ପାଣି ସୁଅରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଅଗ୍ନିଶମ ବାହିନୀ ରାତିରେ ଖୋଜାଖୋଜି କରି ଶ୍ରମିକମାନଙ୍କୁ ଉଦ୍ଧାର କରିଥିବା ଦେଖିବାକୁ ମିଳିଥିଲା। ମୁଖ୍ୟ ଆଗ୍ନିକ ଉଦୟନାଥ ପଣ୍ଡା, ଗାଡ଼ି ଚାଳକ ଦିନେଶ ମହାପାତ୍ର, ଆଗ୍ନିକ କୌଶିକ ମାଝୀ, ସୁରଥ ମହାକୁର, ଟୁଲୁଲୁ ବେସନ ଏବଂ ଅକ୍ଷୟ ଦଳପତି ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ଉଦ୍ଧାର ହୋଇଥିବା ଶ୍ରମିକମାନେ ହେଲେ ରାଜେଶ ଦନ୍ତା, ସୁଶିଲ ପ୍ରଧାନ, କମଳ ପୁଟା, ଲିଙ୍କୁ ପ୍ରଧାନ, ଅଲେଖ ପ୍ରଧାନ, ସୁନୀଲ ଭୋଇ ଧବଳେଶ୍ୱର ସାହୁ ଓ ଅମିତ ମଲ୍ଲିକ ବୋଲି ସୂଚନା ମିଳିଛି । ଦମକଳବାହିନୀର ଏହି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।




ଉଦ୍ଧାର ହୋଇଥିବା ଶ୍ରମିକ ଓ ଅଗ୍ନିଶମବାହିନୀ ।

# ସମାଧାନ ସୂତ୍ର ପାଇଁ ଜରୁରୀ ବୈଠକ

ବଲାଙ୍ଗୀର,୨।୮ (ବୀରେନ୍ଦ୍ର କୁମାର ଝାଙ୍କର)

ପାଟଣାଗଡ ବ୍ଲକ୍ ଛକରେ ଥିବା ପର୍ଶୁରାମ ଫଟୋ ଉଠାଇ ସେହି ସ୍ଥାନରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ପାଟଣାଗଡ, ବେଲପଡା ଏବଂ ଖପ୍ରାଖୋଲ ବନ୍ଦ କରାଯାଇଥିଲା। ଗୁରୁବାର ଦିନ ହିନ୍ଦୁ ଜାଗରଣ ମଞ୍ଚପକ୍ଷରୁ ବଲାଙ୍ଗୀର ଜିଲା ବନ୍ଦ ଡାକରା ଦିଆଯାଇଛି। ଏହି ବିବାଦୀୟ ଘଟଣାର ସମାଧାନ ସୂତ୍ର ବାହାର କରିବା ପାଇଁ ବୁଧବାର ପାଟଣାଗଡ ଏନ୍ଏସି ଅଧକ୍ଷା ମାନସୀ ବିଶ୍ୱାଳଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଧାୟକ ସରୋଜ

**ପର୍ଶୁରାମ ଫଟୋ ଉଠାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣା**

- ହାଇକୋର୍ଟରେ କରାଯାଇଥିଲା ରିଟ୍ ପିଟିଶନ୍
- ପ୍ରସ୍ତାବ ନମ୍ବର ୪୩କୁ କାଏମ୍ କରାଗଲା
- ପର୍ଶୁରାମ ଛକରେ ରହିବ ବିଜୁ ପ୍ରତିମୂର୍ତ୍ତି, ତିଆରି ହେବ ପର୍ଶୁରାମ ମନ୍ଦିର
- ଆଜି ହେବ ବଲାଙ୍ଗୀର ବନ୍ଦ

କୁମାର ମେହେର, ଏନ୍ଏସି ଉପାଧକ୍ଷା ପ୍ରଫୁଲ୍ଲ କୁମାର ମେହେର, କାଉନସିଲର ହେମବତୀ ମେହେର, ରୀତା ମେହେର, ସୁଜିତ କୁମାର ମେହେର, ଉଷା ରାହା, ଶ୍ରୀରାମ ଦଲେଇ, ଭାରତୀ ଧ୍ରୁବଲ, ରୁନା ମହାନନ୍ଦ, ସୁରେନ୍ଦ୍ର ସା, କେଶରୀ ମେହେର, ରାମା ମେହେର, କନକଲତା ମେହେର, ରୁନୁ କୁମାର, ଲୋଚନ ଭୁଏ, ମକୁନ୍ଦ ମେହେର ଉପସ୍ଥିତ ଥିଲେ ବୋଲି ଉଲ୍ଲେଖ କୁହାଯାଇଛି। ବୈଠକରେ ସମାଧାନ ସୂତ୍ର ବାହାର କରିବାକୁ ଯାଇ ୨୦ ଏପ୍ରିଲ ୨୦୨୨ର ଏନ୍ଏସି ପ୍ରସ୍ତାବ ନମ୍ବର ୪୩କୁ କାୟମ ରଖାଗଲା ବୋଲି କୁହାଯାଇଛି। ଏହା ସହିତ ପାଟଣାଗଡ ବ୍ଲକ୍ ଛକକୁ ପର୍ଶୁରାମ ଛକ ନାମରେ ନାମିତ କରାଗଲା ଏବଂ ସେହି ଛକରେ ଓଡିଶା ସରକାରଙ୍କ ନିୟମ ଅନୁସାରେ ସମସ୍ତଙ୍କ ସହଯୋଗରେ ଭଗବାନ ପର୍ଶୁରାମଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାଇଛନ୍ତି। ମନ୍ଦିର ନିର୍ମାଣ ଜାଗା ଚିହ୍ନଟ ପାଇଁ କରିବା ସକାଶେ ପାଟଣାଗଡ ତହସିଲଦାର ପତ୍ର ମାଧ୍ୟମରେ ଲେଖି ଜଣାଇବାକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁରୋଧ କରାଯାଇଥିବା ଜଣାଇଛନ୍ତି। ଏହାସହିତ ହାଇକୋର୍ଟଙ୍କ ରିଟ୍ ପିଟିସନ୍ ଅନୁଯାୟୀ ରାସ୍ତା ଉପରେ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ରାସ୍ତାରେ ମଧ୍ୟରେ ରଖାଯାଇପାରିବନାହିଁ। ସେହିପରି ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅଧିକ ସମ୍ମାନ ପ୍ରଦାନ କରିବା ତଥା ବ୍ଲକ୍ ଛକର ସୌନ୍ଦର୍ଯ୍ୟକରଣ ଓ ଉନ୍ନିତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ଏହି ଜରୁରୀ ବୈଠକରେ ସମସ୍ତ ପକ୍ଷଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରାଯାଇଛି। ତେବେ ଗୁରୁବାର ବଲାଙ୍ଗୀର ଜିଲା ବନ୍ଦ ଡାକରା ଜାରି ରହିବ ବୋଲି ଆବାହକ ଗୋପାଳଜୀ ପାଣିଗ୍ରାହୀ କହିଛନ୍ତି।

**ଅଜଣା ମହିଳାଙ୍କ ମୃତଦେହ ଜବତ**

ରାଜଗାଙ୍ଗପୁର (ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ବାରୁପଡା ରାଣିବନ୍ଧ କେନାଲରୁ ଏକ ଅଜଣା ମହିଳାଙ୍କ ମୃତଦେହ ପୋଲିସ ବୁଧବାର ଜବତ କରିଛି। ମହିଳାଙ୍କ ବୟସ ୪୦ରୁ ୪୫ ବର୍ଷ ମଧ୍ୟରେ ହେବ। ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟର ମର୍ଗ ହାଉସରେ ମୃତଦେହ ରଖାଯାଇଛି। ସୂଚନାଯୋଗ୍ୟ,ବାରୁପଡା ରାଣିବନ୍ଧ କେନାଲରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଧରା ପଡ଼ିଲେ ୩ ଡିଜେଲ ଚୋର

ବଡ଼ଗାଁ,୨।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗାଁ ନିକଟ ରାଜ୍ୟ ରାଜପଥ ୧୦ ପାର୍ଶ୍ୱରେ ଥିବା ସେନାପତି ଢାବା ନିକଟରେ ଦୁର୍ବୃତ୍ତମାନେ ଡିଜେଲ୍ ଚୋରି କରୁଥିବାବେଳେ ଟ୍ରକ୍ ଡ୍ରାଇଭର ଓ ସ୍ଥାନୀୟ ଲୋକେ ସେମାନଙ୍କୁ ଧରି ନିସୁକ ମାଡ଼ମାରିଛନ୍ତି। ସେମାନେ ହେଲେ ବ୍ରଜରାଜନଗର କୋଇଲାରୀ (ରାମପୁର) ଅଞ୍ଚଳର ଦିନେଶ ଯାଦବ, ଅଶୋକ ଠାକୁର ଓ ଶ୍ୟାମ ସାହିସ୍। ହେଲେ ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ବିଶ୍ୱଜିତ୍ ନାଏକ ଓ ଛୋଟ ସାହିସ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଏଏସ୍ଆଇ ଅରୁପାନନ୍ଦ ଦାସ ୩ ଦୁର୍ବୃତ୍ତଙ୍କୁ ବଡ଼ଗାଁ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଇ ସୁନ୍ଦରଗଡ଼ ମେଡିକାଲକୁ ପଠାଇଦେଇଛନ୍ତି। ସୂଚନାଯୋଗ୍ୟ, ଗତମାସରେ ଏହି ଅଞ୍ଚଳରେ ଡିଜେଲ ଚୋରି କରୁଥିବା ପ୍ରାୟ ୧୦ ଯୁବକ ଡ୍ରାଇଭରଙ୍କୁ ଧମକ ଦେଇ ଟ୍ରକରୁ ଡିଜେଲ ଚୋରି କରିଥିଲେ। ଏନେଇ ଡ୍ରାଇଭର ସଂଘର କର୍ମକର୍ତ୍ତା ପୋଲିସକୁ ଜଣାଇଥିଲେ। ୩ ଦିନ ପୂର୍ବରୁ ଏମାନେ ଟ୍ରକରୁ ଡିଜେଲ ଚୋରି କରିଥିଲେ। ଏହାପରେ ଚୋର ଦଳଙ୍କ ଉପରେ ଡ୍ରାଇଭର ଓ ସ୍ଥାନୀୟ ଲୋକେ ନଜର ରଖିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଚୋରମାନେ ବୋଲେରୋରେ ଆସି ଟ୍ରକ୍‌ରୁ ଡିଜେଲ୍ ଚୋରି ଉଦ୍ୟମ କଲାବେଳେ ଟ୍ରକ୍ ଡ୍ରାଇଭର ଓ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିଥିଲେ।

### ଇବ୍ ନଦୀରେ ଭାସି ଯୁବକ ନିଖୋଜ

ସବ୍‌ଡେଗା,୨।୮ (ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଯମୁନା ପଞ୍ଚାୟତ ମାୟାବାହାଲ ଗ୍ରାମ ନିକଟ ଇବ୍ ନଦୀରେ ମଙ୍ଗଳବାର ଅପରାହ୍ଣରେ ଜଣେ ଯୁବକ ମାଛ ମାରୁଥିବା ବେଳେ ଖରସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ(ସନ୍ଧ୍ୟା ୬.୩୦) ତାଙ୍କୁ ଉଦ୍ଧାର କରାଯାଇନାହିଁ। ନିଖୋଜ ଯୁବକ ହେଲେ ଲେଫ୍ରିପଡା ଥାନା ସରପଗଡ଼ ଗ୍ରାମର ମହେନ୍ଦ୍ର (୪୫)।ମହେନ୍ଦ୍ରଙ୍କୁ ୧୦ଦିନ ପୂର୍ବରୁ ମାୟାବହାଲ ଗ୍ରାମର ମନୋଜ ମହାକୁଳ ତାଙ୍କର ଘର ନିର୍ମାଣ କରିବାକୁ ଡାକି ଘରେ ରଖିଥିଲେ। ଉଭୟେ ମଙ୍ଗଳବାର ମାଛ ମାରିବାକୁ ନିକଟ ଇବ୍ ନଦୀକୁ ଯାଇଥିଲେ। ମାଛ ମାରୁଥିବା ସମୟରେ ମହେନ୍ଦ୍ର ଗଭୀର ପାଣିରେ ଭାସି ଯାଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଦୀର ତଳମୁଣ୍ଡରେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ହୋଇଯାଇବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ବୁଧବାର ସକାଳେ ଅଗ୍ନିଶମ ବାହିନୀ ପୁଣି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ହେଲେ ସଫଳ ହୋଇପାରି ନ ଥିଲେ। ଏନେଇ ମନୋଜ ତଳସରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଛିଣ୍ଡା ପଲିଥିନ ତଳେ ବିତୁଛି ଜୀବନ

ଲହୁଣୀପଡ଼ା,୨।୮ (ଦାଶରଥି ପଣ୍ଡା)

ମୁଣ୍ଡ ଗୁଞ୍ଜିବାକୁ ଭଲ ଘରେ ଖଣ୍ଡେ ନାହିଁ। ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ୭ ପ୍ରାଣୀ। ସରକାରୀ ଯୋଜନା କହିଲେ କେବଳ ୨୫ କେଜି ଚାଉଳ। ଏମାନଙ୍କ ପାଖରେ ନା ଅଛି ଘର, ନା ବିଜୁଳି, ନା ମିଳିଛି ଅନ୍ୟାନ୍ୟ ସରକାରୀ ସୁବିଧା। ଛିଣ୍ଡା ପଲିଥିନତଳେ ବିତୁଛି ଜୀବନ। ଏଭଳି ଘଟଣା ଦେଖିବାକୁ ମିଳିଛି ଲହୁଣୀପଡ଼ା ବ୍ଲକ ଦର୍ଜାଂ ପଞ୍ଚାୟତ ଠିଆବେର୍ଣ୍ଣା ଗ୍ରାମର ଲାଲ୍ ସାହି ବସ୍ତିରେ। ଶୁକ୍ରା ମୁଣ୍ଡା ସ୍ତ୍ରୀ ପାର୍ବତୀ ମୁଣ୍ଡା ଏବଂ ସେମାନଙ୍କ ପୁଅ ଝିଅ ମିଶି ୫ ଜଣ। ସରକାରୀ ଯୋଜନାରେ ଏମାନଙ୍କୁ ଘରେ ଖଣ୍ଡେ ମିଳି ନ ଥିବାରୁ ଝାଟିମାଟି ତଳେ ଜୀବନ ଅତିବାହିତ କରୁଛନ୍ତି। ଘର ଅଛି ହେଲେ କାନ୍ଥ ନାହିଁ, ଉପରେ ପଲଥିନ ପଡ଼ିଛି। ଗୋଟିଏ ବଖରା ଘରେ ରୋଷେଇଠାରୁ ଆରମ୍ଭ କରି ଖାଇବା, ଶୋଇବା ସମସ୍ତ କାର୍ଯ୍ୟ କରିଥାନ୍ତି। ବର୍ଷା ହେଲେ ଏମାନଙ୍କ ଦୁର୍ଦ୍ଦଶା ବଢ଼ିଯାଏ। ସରୀସୃପ ସତେ ଯେମିତି ଏମାନଙ୍କ ସାଥୀ ପାଲଟି ଯାଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। କେବଳ ସେତିକି ନୁହେଁ ସେହି ବସ୍ତିରେ ପ୍ରାୟ ୩୦ ପରିବାର ବସବାସ କରିଥାନ୍ତି। ମାତ୍ର ୭ରୁ ୮ ପରିବାର ଘର ପାଇଥିଲେ ମଧ୍ୟ ଅନ୍ୟମାନେ ଆଜି ପର୍ଯ୍ୟନ୍ତ ଘର ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି।


ଶୁକ୍ରା ମୁଣ୍ଡା ସ୍ତ୍ରୀ ପାର୍ବତୀ ଏବଂ ୫ ଛୁଆ।

**ମିଳୁନି ମୌଳିକ ସୁବିଧା**

ତେଣୁ ସେମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଘର ଯୋଗାଇଦେବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାଏକଙ୍କୁ ପଚାରିବାରୁ, ତାଙ୍କ ନିକଟରେ ଏନେଇ କୌଣସି ଖବର ନାହିଁ। ତୁରନ୍ତ ସେ ପରିବାରକୁ ପଲିଥିନ ଯୋଗାଇ ଦିଆଯିବ। ଯଦି ଭୂମିହୀନ ଥାଏ ତେବେ ତଦନ୍ତ କରି ଖୁବଶୀଘ୍ର ତାଙ୍କୁ ୪ ଡେସିମିଲ ଜମି ପ୍ରଦାନର ବ୍ୟବସ୍ଥା କରାଯିବ। ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ, ସରକାରୀ ନିୟମ ଅନୁସାରେ ପର୍ଯ୍ୟାୟକ୍ରମେ ସେ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେବାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

# ଧୁମ୍‌ଧାମ୍‌ରେ ପାଳିତ ହେଲା ସମ୍ବଲପୁରୀ ଦିନ୍




ସୁନ୍ଦରଗଡ,୨।୮ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି ସମ୍ବଲପୁରୀ ଦିନ। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିବସକୁ ସମ୍ବଲପୁରୀ ଦିନ ରୂପରେ ପାଳନ ପୂର୍ବକ ଏହି ଦିନରେ ସମ୍ବଲପୁରୀ ପ୍ରଥା, ପରମ୍ପରା, କଳା, ସଂସ୍କୃତି, ବୟନ ଶିଳ୍ପ କଳାର ରହିଥିବା ସ୍ୱତନ୍ତ୍ରତାକୁ ପ୍ରଦର୍ଶନ କରାଯାଇଥିଲା। ପଶ୍ଚିମାଲ ଏକତା ମଞ୍ଚ ଏବଂ ସୁନ୍ଦରଗଡ କଳାକାର ମଞ୍ଚର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନରେ ଏହା ଆୟୋଜିତ ହୋଇଥିଲା। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ରାଜ ମାତା ପଦ୍ମିନୀ ଶେଖର ଦେଓ ଏବଂ ପୁତ୍ର ବଧୂ ବିଜ୍ଞାନୀ ଶେଖର ଦେଓ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇ, ପୌର ଅଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ବେଣୁ ମାଧବ ତ୍ରିପାଠୀ, ପ୍ରଫୁଲ୍ଲ ସୁନାନି, ଦୁର୍ଗାମାଧବ ପଣ୍ଡା, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ସଦର ଉପଜିଲାପାଳ ଦାଶରଥି ସରବୁ ଯୋଗଦେଇଥିଲେ। ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ମନୋଜ ମିଶ୍ର, ହାସ୍ୟାଭିନେତା ଯୋଯୋ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁରୀ ଦିନ୍ ସ୍ୱତନ୍ତ୍ର ସ୍ମରଣୀକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମ୍ବଲପୁରୀ ନାଚ ଗୀତରେ ମଞ୍ଚ ଦୁଲୁକି ଉଠିଥିଲ।

### ଏନ୍‌ଟିପିସି ଦର୍ଲିପାଲି ପ୍ରାୟୋଜିତ ପ୍ରଶିକ୍ଷିତ ୧୩ଯୁବକଙ୍କୁ ନିଯୁକ୍ତି

ସୁନ୍ଦରଗଡ,୨।୮ (ଜୟ ନାରାୟଣ ମେଣ୍ଟୁଲି)

ଏନ୍‌ଟିପିସି ଦର୍ଲିପାଲି ତାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଉଛି। ସିପେଟ ଭୁବନେଶ୍ୱର ମାଧ୍ୟମରେ ୧୩ ସ୍ଥାନୀୟ ଯୁବକଙ୍କ ଆଇଟିଆଇ ତାଲିମକୁ ପ୍ରାୟୋଜିତ କରିଛି। ଯୁବକମାନେ ହିଟାଚି, ଏନ୍‌ସିଏଲ୍, କ୍ରମ୍‌ଟନ୍ ଗ୍ରୀଭସ ଭଳି କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ଦର୍ଲିପାଲି ପକ୍ଷରୁ ଆୟୋଜିତ ନିଯୁକ୍ତି ଉତ୍ସବରେ ପ୍ରକଳ୍ପ ମୁଖ୍ୟ ପ୍ରବନ୍ଧକ ଅଜୟ କୁମାର ଟଣ୍ଡନ୍ ପ୍ରଶିକ୍ଷିତ ଯୁବକଙ୍କୁ ଅଭିନନ୍ଦନ ଜଣାଇଥିଲେ। କନକତୁରା ସରପଞ୍ଚ ମଙ୍ଗଳବତୀ ଓରାମ, ଦର୍ଲିପାଲି ଏବଂ ରାଇଡିର ପ୍ରତିନିଧି ଏବଂ ଛାତ୍ରଙ୍କ ଅଭିଭାବକ ଉପସ୍ଥିତ ରହି ନିଯୁକ୍ତି ପାଇଥିବା ଯୁବକଙ୍କୁ ଶୁଭେଚ୍ଛା ଜଣାଇବା ସହ ଏନ୍‌ଟିପିସି ପ୍ରତି କୃତଜ୍ଞତା ଜଣାଇଥିଲେ। ଏନ୍‌ଟିପିସି ଦର୍ଲିପାଲି ୩ ଟି ବ୍ୟାଚ୍ ମଧ୍ୟରେ ୪୯ ଜଣ ପ୍ରାର୍ଥୀଙ୍କୁ ପ୍ରାୟୋଜିତ କରିଛି।

ସେଲ୍ଫି କର୍ବର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ପିଙ୍କୁ


@ ପପନ


@ ପ୍ରିୟନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଗାଣ ବର୍ଷାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ଅନେକ ଅଞ୍ଚଳ

କୁଆଁରମୁଣ୍ଡା/ଟେନ୍‌ସା,୨।୮
(ମହେନ୍ଦ୍ର କୁମାର ସାହୁ/ସମୀର କୁମାର ପାଢୀ)





ଲଗାଣ ବର୍ଷାରେ ସୁନ୍ଦରାଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ହାତୀବାରି ଗ୍ରାମ୍ୟ ଉନ୍ନୟନ ରାସ୍ତାର କାଲୋସିହିରିଆ ନାଳରେ ନିର୍ମିତ କଲଭର୍ଟ ଉପରେ ୫ ଫୁଟ୍ ଉଚ୍ଚରେ ବର୍ଷା ଜଳ ପ୍ରଭାବିତ ହେଉଥିବାରୁ କାଲୋସିହିରିଆ,ପୁତ୍ରିଖମଣ ପଞ୍ଚାୟତ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିପରି କୁଆଁରମୁଣ୍ଡା ବ୍ଲକର ୨ ପାର୍ଶ୍ୱରେ ପ୍ରବାହିତ ଶଙ୍ଖ ଓ କୋଏଲ ନଦୀରେ ବନ୍ୟା ଜଳ ପ୍ରବେଶ ଯୋଗୁ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏପରିକି ପଦମପୁର ପଞ୍ଚାୟତ ଯମୁନାନାକି ଗ୍ରାମର ଝରାବସ୍ତିରେ କୋଏଲ ନଦୀର ଜଳ ପ୍ରବେଶ କରିଥିବାରୁ ଅନେକ ଲୋକ ଜଳ ଘେରରେ ଅଛନ୍ତି। ସେହିପରି ସଦର କୁଆଁରମୁଣ୍ଡା ପଞ୍ଚାୟତର ବିଭିନ୍ନ ନାଳଗୁଡିକ ସଫା ହେଉ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ରାସ୍ତା ଉପରେ ଜଳ ପ୍ରବାହିତ ହେଉଛି। ସେହିପରି ଲଗାଣ ବର୍ଷାରେ ଗତ ୨ ଦିନ ହେବ କୋଇଡା ବ୍ଲକର ବିଭିନ୍ନ ଅଞ୍ଚଳ ଜଳମୟ ହୋଇଯାଇଛି। ସୁନା ନଦୀରେ ବନ୍ୟା ଆସିବାରୁ ମାଳଦା ପଞ୍ଚାୟତ ଗୋପିସାହି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ୧୦୦ ପରିବାର ଏବେ ପାଣି ଘେରରେ ଫସି ରହିଛନ୍ତି। ଗୋଟିଏ ପଟେ ଅଞ୍ଚଳ ଜଳମୟ ହୋଇଥିବା ବେଳେ ସେପଟେ ପାହାଡରୁ ପାଣି ବହୁଛି। ଫଳରେ ଗ୍ରାମବାସୀ କେଉଁଆଡେ ଯାଇପାରୁନାହାଁନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ନାନା ଅସୁବିଧା ଭୋଗୁଛନ୍ତି। ସୁନା ନଦୀର ଜଳ ସ୍ରୋତ ଏତେ ପ୍ରଖର ଅଛିଯେ, ଲୋକେ ୨ ଦିନ ହେଲା ଭୋକ ଉପାସରେ ପଡି ରହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଏସ୍‌ବିଆଇ ପକ୍ଷରୁ ପେନ୍‌ସନ୍ ଦିବସ

ସୁନ୍ଦରଗଡ,୨।୮ (ଜୟ ନାରାୟଣ ମେଣ୍ଟୁଲି)

ଭାରତୀୟ ଷ୍ଟେଟ ବ୍ୟାଙ୍କ ସୁନ୍ଦରଗଡ ମୁଖ୍ୟ ଶାଖା ପକ୍ଷରୁ ସ୍ଥାନୀୟ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟଠାରେ ମଙ୍ଗଳବାର ପେନ୍‌ସନ୍ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଦୁର୍ଗା ମାଧବ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଝାରସୁଗୁଡା ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ଅରୁଣ କୁମାର ହୋତା, ସୁନ୍ଦରଗଡ ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ଶୁଭେନ୍ଦୁ ଆଚାର୍ଯ୍ୟ ଓ ଅନ୍ୟ ଅଧିକାରୀ ଅଦ୍ୱିତୀ କାଣ୍ଡୁଲାନା ଯୋଗଦେଇଥିଲେ। ଗ୍ରାହକ ସେବା, ଡିଜିଟାଲ ଦୁଆର ସେବା, ଅର୍ଥ ଉପାର୍ଜନ, ସାଇବର ଅପରାଧ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ପେନସନଧାରୀଙ୍କୁ ସେମାନେ ସଚେତନ କରିଥିଲେ। ଏଥିସହ ଅବସର ସ୍ମାର୍ଟ ପ୍ଲସ, ମ୍ୟୁଚୁଆଲ ଫଣ୍ଡ, ସିନିୟର ସେଭିଙ୍ଗସ ସ୍କିମ, ଫିକ୍ସ ଡିପୋଜିଟ ଋଣ ଭଳି ପେନସନଭୋଗୀଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ ବୁଝାଇଥିଲେ।

# ଜାତୀୟ ଚେସ୍ ମିଟ ପାଇଁ ୪ ଛାତ୍ରୀଛାତ୍ର ମନୋନୀତ

ଦେବଗଡ଼,୨।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ୩ଦିନ ବ୍ୟାପୀ ଅନୁଷ୍ଠିତ ଭୋପାଳ ରିଜନର ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଛତିଶଗଡ଼ର ସମସ୍ତ ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ୧୪, ୧୭, ୧୯ ବର୍ଗର ବାଳିକା ଓ ବାଳକଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ସଂକୁଳ ଅନ୍ତର୍ଗତ ଦେବଗଡ଼ ଜବାହାର ନବୋଦୟ ବିଦ୍ୟାଳୟର ୩ ଛାତ୍ରୀ ଓ ଜଣେ ଛାତ୍ର ଜାତୀୟ ଚେସ ପ୍ରତିଯୋଗୀତା ପାଇଁ କୃତିତ୍ୱ ହାସଲ କରିଥିବା ଜଣାପଡ଼ିଛି। ୧୯ବର୍ଷ ବାଳିକା ବିଭାଗରେ ଛାତ୍ରୀ ଆଦ୍ୟାଶା ଭୋଇ, ୧୭ବର୍ଷରେ ପ୍ରଜ୍ଞା ପରମିତା ସାହୁ , ୧୪ ବର୍ଷରେ ତୃପ୍ତିମୋଇ ମାଝି ଏବଂ ୧୪ବର୍ଷ ବାଳକ ବିଭାଗରେ ରଜନୀ କାନ୍ତ ସାହୁ ମନୋନୀତ ହୋଇଛନ୍ତି। ଏହି ୪ଜଣ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚେସ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ। ଏଥିପାଇଁ ଖେଳାଳୀଙ୍କୁ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଯୋଗୀତାରେ ବସ୍ତର, ଭୋପାଳ, ଇନ୍ଦୋର, କଟନୀ, ଜବଲପୁର, ଫୁଲବାଣ, ରାୟଗଡ, ସମ୍ବଲପୁର ଓ ସୁନ୍ଦରଗଡ଼ ସଂକୁଳର ୬୬ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।


ଜାତୀୟ ଚେସ୍ ମିଟ ପାଇଁ ମନୋନୀତ ହୋଇଥିବା ୪ ଛାତ୍ରୀଛାତ୍ର।

# ଦେଶୀ କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ ହେବେ ମହିଳା

ସୁନ୍ଦରଗଡ,୨।୮ (ଜୟ ନାରାୟଣ ମେଣ୍ଟୁଲି)



- ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ୨୫.୬୦ ଲକ୍ଷ ଋଣ ସହାୟତା
- ବର୍ଷକରେ ୧ କୋଟିରୁ ଊର୍ଦ୍ଧ୍ୱ ଆୟର ଯୋଜନା

କୁକୁଡା ପାଳନ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲାର ଦୁର୍ଗମ, ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗରିବ, ଅତି ଗରିବ ପରିବାରଙ୍କ ଜୀବିକାର ଅନ୍ୟତମ ଜୀବନରେଖା। ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଦେଶୀ କୁକୁଡାର ଚାହିଦା ଅଧିକ। ପୂର୍ବେ କୁକୁଡା ପାଳନ ଏକ ରୋଜଗାରର ମାଧ୍ୟମ ପାଲଟିଥିବାବେଳେ ପୁଷ୍ଟିକର ଖାଦ୍ୟର ଅଭାବକୁ ବହୁମାତ୍ରାରେ ଦୂରୀଭୂତ କରିହେଉ ଥିଲା। ମାତ୍ର ସମୟର ପରିବର୍ତ୍ତନ ସହ ଲୋକଙ୍କ ଅଭ୍ୟାସ ଓ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ବହୁ ମାତ୍ରାରେ ଏହି ପୁରାତନ ପରମ୍ପରା ହ୍ରାସ ପାଇଛି। ଏହାକୁ ଆଖି ଆଗରେ ରଖି ଏକ ଉଚିତ ପଦକ୍ଷେପ ସ୍ୱରୂପ ମହିଳାଙ୍କୁ ସଂଗଠିତ କରି ସୁନ୍ଦରଗଡ ବନଖଣ୍ଡରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠି ସହାୟତାରେ କୁକୁଡା ପାଳନ ବ୍ୟବସାୟ ଆରମ୍ଭ କରାଯାଇଛି। ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳରେ ୧୮ଟି ବନ ସୁରକ୍ଷା ସମିତିର ୪୯୯ ମହିଳା କୁକୁଡା ପାଳନ ଦ୍ୱାରା ନିଜକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ସଫଳତାର ସହିତ ଅଗ୍ରସର ହେଉଛନ୍ତି। ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବାର ଉଦ୍ଦେଶ୍ୟ ନେଇ ୨୦୧୭ ଡିସେମ୍ବର ୧ରୁ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସୁନ୍ଦରଗଡ ବନଖଣ୍ଡର ଉଜ୍ଜଳପୁର ବନାଞ୍ଚଳରେ ଆରମ୍ଭ ହୋଇଥିଲା। ସୁନ୍ଦରଗଡ ଖଣ୍ଡୀୟ ପରିଚାଳନା ଏକକ, ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକ ତଥା ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ନିୟମିତଭାବେ ସଭା, ସମିତି, ଲକ୍ଷ୍ୟ ଆଧାରିତ ଗୋଷ୍ଠୀ ବୈଠକ, ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ତଥା କ୍ଷେତ୍ର ପରିଦର୍ଶନର ଆୟୋଜନ କରାଯାଇଥିଲା। ଗ୍ରାମରେ ସହଭାଗିତା ମୂଳକ ଅଣୁ ଯୋଜନା ତଥା ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତି ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆୟ ଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ପ୍ରୋତ୍ସାହିତ କରାଯାଇ ସେମାନଙ୍କ ବ୍ୟବସାୟିକ ଯୋଜନା ପ୍ରସ୍ତୁତି, ଋଣ ସଂଯୋଗୀକରଣ, ପ୍ରଶିକ୍ଷଣ ବ୍ୟବସ୍ଥା ନିୟମିତଭାବେ କରାଯାଉଛି। ଏଥିରେ ପ୍ରେରଣା ପାଇ ଉଜ୍ଜଳପୁର ବନାଞ୍ଚଳର ୧୮ଟି ବନ ସୁରକ୍ଷା ସମିତିର ୪୮ ଟି ସ୍ୱୟଂ ସହାୟକ ଗୋଷ୍ଠୀ, ୧ଟି ସମ ଆଗ୍ରହୀ ଗୋଷ୍ଠୀ ଓ ଗୋଟିଏ ଅତି ଗରିବ ପରିବାର ଦ୍ୱାରା ବ୍ୟବସାୟିକ ଭିତ୍ତିରେ ଆରମ୍ଭ କରାଯାଇଛି କୁକୁଡା ପାଳନ। ଏ ପର୍ଯ୍ୟନ୍ତ ଉଜ୍ଜଳପୁର ବନାଞ୍ଚଳରେ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠିରୁ ୨୫.୬୦ ଲକ୍ଷ ଟଙ୍କା ଋଣ ନେଇ ୪୯୯ ଜଣ ମହିଳା ଦେଶୀ ଓ ସୋନାଳୀ ପ୍ରଜାତିର କୁକୁଡା ପାଳନ କରୁଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଗତ ୬ମାସ ମଧ୍ୟରେ ୮.୬୫ ଲକ୍ଷ ଟଙ୍କାର କୁକୁଡା ବିକ୍ରି କରିବାରେ ସଫଳ ହୋଇଛନ୍ତି ୧୨୬ ଜଣ ମହିଳା। ଅଦମ୍ୟ ଆଗ୍ରହ, ନୂଆଁ କିଛି କରିବାର ନିଶା, ସାମୂହିକ ସହଭାଗିତା ତଥା ନିଷ୍ଠା ଏବଂ ଉଦ୍ୟମ ବଳରେ ଗରିବ, ଆଦିବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ମହିଳା କୁକୁଡା ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ପ୍ରେରଣା। ପାରସ୍ପରିକ ସାହାର୍ଯ୍ୟ ଏବଂ ସହଯୋଗରେ ଦେଶୀ କୁକୁଡା ପାଳନରୁ ଅଭୂତପୂର୍ବ ସଫଳତା ପାଇବା ସହିତ ଭଲ ଦୁଇପଇସା ରୋଜଗାର କରି ପରିବାରର ଆର୍ଥିକ ସ୍ଥିତି ମଜଭୁତ କରିବା ସହିତ ହୋଇ ପାରିଛନ୍ତି ସ୍ୱାବଲମ୍ବୀ। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ଆନ୍ତଃବିଭାଗୀୟ ସଂଯୋଗୀକରଣ ଦ୍ୱାରା ନିୟମିତଭାବେ ଟୀକାକରଣ, ବଜାର ବ୍ୟବସ୍ଥା ତଥା ଋଣ ସଂଯୋଗୀକରଣ କରାଯାଉଛି। ବନ ସୁରକ୍ଷା ସମିତି ତରଫରୁ କରାଯାଇଥିବା ବ୍ୟବସାୟିକ ଯୋଜନାର ତଥ୍ୟ ଅନୁଯାୟୀ ଆଗାମୀ ୧ ବର୍ଷ ମଧ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରୋଜଗାର ଏହି ଗୋଷ୍ଠୀମାନେ ପାଇବାର ଲକ୍ଷ୍ୟ ରଖା ଯାଇଛିବୋଲି ସୂଚନା ଦେଇଛନ୍ତି ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ଟିମ୍ ମୁଖ୍ୟ ଦିଗାମ୍ବର ଉପାଧ୍ୟାୟ। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ କହିଛନ୍ତି, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଆବର୍ତ୍ତନ ପାଣ୍ଠିର ସହାୟତାରେ ବିଭିନ୍ନ ଆୟ ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଜିଲା ବନଖଣ୍ଡରେ ଅନେକ ଗରିବ, ଅତି ଗରିବ, ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାର ସ୍ୱାବଲମ୍ବୀ ହୋଇପାରିଛନ୍ତି ତଥା ଏକ ବିକଳ୍ପ ରୋଜଗାରର ପନ୍ଥା ପାଇପାରିଛନ୍ତି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଓ ଦୁର୍ଗମ ଅଞ୍ଚଳରେ ଲୋକଙ୍କ ପାରମ୍ପାରିକ ସଂସ୍କୃତି ଓ ବୃତ୍ତି ହେଉଛି ଏହି ଦେଶୀ କୁକୁଡା ପାଳନ। ସୁନ୍ଦରଗଡ ବନଖଣ୍ଡର ଅନେକ ଅଭାବୀ, ଗରିବ ମହିଳାଙ୍କୁ ଏକ ଚିରସ୍ଥାୟୀ ଜୀବିକା ଯୋଗାଇବାରେ ସହାୟକ ହେବ।

